(କ) ବାଲେଶ୍ୱର (ଖ) ସମ୍ବଲପୁର

(ଗ) ବ୍ରହ୍ମପୁର (ଘ) କଟକ

**୯. ୧୮୬୬ ମସିହାରେ କଟକରେ ପ୍ରକାଶିତ 'ଉତ୍କଳ ଦୀପିକା' ସମ୍ବାଦପତ୍ରର ସମ୍ପାଦକ କିଏ ଥିଲେ ?**

(କ) ଫକୀର ମୋହନ ସେନାପତି

(ଖ) ଗୌରୀଶଙ୍କର ରାୟ

(ଗ) ନୀଳମଣି ବିଦ୍ୟାରତ୍ନ

(ଘ) ରାଧାନାଥ ରାୟ

**୧୦. ୧୮୬୮ ମସିହାରେ ପ୍ରକାଶିତ 'ବୋଧଦାୟିନୀ'ର ସମ୍ପାଦକ କିଏ ଥିଲେ ?**

(କ) ଗୌରୀ ଶଙ୍କର ରାୟ

(ଖ) ଫକୀର ମୋହନ ସେନାପତି

(ଗ) ରାଧାନାଥ ରାୟ

(ଘ) ମଧୁସୂଦନ ଦାସ

**୧୧. ଫକୀର ମୋହନ ସେନାପତିଙ୍କ ସମ୍ପାଦନାରେ କେଉଁଠାରେ 'ସମ୍ବାଦ ବାହିକା' ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ?**

(କ) କଟକ

(ଖ) ବାଲେଶ୍ୱର

(ଗ) ସମ୍ବଲପୁର

(ଘ) ପୁରୀ

**୧୨. କେବେ ଫକୀର ମୋହନ ସେନାପତିଙ୍କ ସମ୍ପାଦନାରେ 'ସମ୍ବାଦ ବାହିକା' ସମ୍ବାଦ ପତ୍ର ପ୍ରକାଶିତ ହୋଇଥିଲା ?**

(କ) ୧୮୩୭

(ଖ) ୧୮୬୬

(ଗ) ୧୮୬୮

(ଘ) ୧୮୮୬

**୧୩. କେଉଁ ସମ୍ବାଦପତ୍ର ୧୮୮୯ ମସିହାରେ ପ୍ରକାଶିତ ହେଲା ?**

(କ) ସମ୍ବାଦ ବାହିକା

(ଖ) ଉତ୍କଳ ଦୀପିକା

(ଗ) ବୋଧଦାୟିନୀ

(ଘ) ସମ୍ବଲପୁର ହିତୈଷିଣୀ

**୧୪. 'ସମ୍ବଲପୁର ହିତୈଷିଣୀ' ସମ୍ବାଦପତ୍ରର ସମ୍ପାଦକ କିଏ ଥିଲେ ?**

(କ) ଭୀମ ଭୋଇ

(ଖ) ନୀଳମଣି ବିଦ୍ୟାରତ୍ନ

(ଗ) ଗଙ୍ଗାଧର ମେହେର

(ଘ) ମଦୁସୂଦନ ରାଓ

**୧୫. ଇଂରେଜମାନେ ଅଧିକାର କରିବା ସମୟରେ ଓଡ଼ିଶା ମୁଖ୍ୟତଃ କେଉଁ ଅଞ୍ଚଳଗୁଡ଼ିକୁ ନେଇ ଶାସିତ ହୋଇଥିଲା ?**

(କ) କଟକ, ପୁରୀ, ଗଞ୍ଜାମ

(ଖ) କଟକ, ବାଲେଶ୍ୱର, ସମ୍ବଲପୁର

(ଗ) କଟକ, ପୁରୀ, ବାଲେଶ୍ୱର

(ଘ) ପୁରୀ, ଗଞ୍ଜାମ, ସମ୍ବଲପୁର

**୧୬. ମରହଟ୍ଟାମାନେ ଶାସନ କରୁଥିବା ସମୟରେ କେଉଁ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ ?**

(କ) ହିନ୍ଦୀ (ଖ) ବଙ୍ଗଳା

(ଗ) ଓଡ଼ିଆ (ଘ) ପାର୍ଶୀ

**୧୭. ୧୮୪୯ ମସିହାରେ କଟକର କଲେକ୍ଟର କେଉଁ ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ ?**

(କ) ଓଡ଼ିଆ (ଖ) ହିନ୍ଦୀ

(ଗ) ବଙ୍ଗଳା (ଘ) ଇଂରାଜୀ

**୧୮. କଟକଠାରେ କେଉଁ ଅନୁଷ୍ଠାନ ୧୮୮୨ ମସିହାରେ ଗଠିତ ହୋଇଥିଲା ?**

(କ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସାରା

(ଖ) ଉତ୍କଳ ଭାଷା ଉଦ୍ଦୀପନୀ ସଭା

(ଗ) ଉତ୍କଳ ହିତବାଦିନୀ ସଭା

(ଘ) ଉତ୍କଳ ସଭା

**୧୯. କେଉଁ ଅନୁଷ୍ଠାନ ବ୍ରହ୍ମପୁରଠାରେ ପ୍ରତିଷ୍ଠିତ ହୋଇଥିଲା ?**

(କ) ଉତ୍କଳ ହିତବାଦିନୀ ସଭା

(ଖ) ଉତ୍କଳ ଉଲ୍ଲାସିନୀ ସଭା

(ଗ) ଉତ୍କଳ ଭାଷା ଉଦ୍ଦୀପନୀ ସଭା

(ଘ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା

**୨୦. କେଉଁ ଅନୁଷ୍ଠାନ ବାଲେଶ୍ୱରଠାରେ ପ୍ରତିଷ୍ଠିତ ହୋଇଥିଲା ?**

(କ) ଉତ୍କଳ ଭାଷା ଉଦ୍ଦୀପନୀ ସଭା

(ଖ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା

(ଗ) ଉତ୍କଳ ଉଲ୍ଲାସିନୀ ସଭା

(ଘ) ଉତ୍କଳ ହିତବାଦିନୀ ସଭା

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (କ) ୧୫୬୮

୨. (ଖ) ୧୮୦୩

୩. (ଖ) ୧୮୨୩

୪. (ଖ) କଟକ

୫. (ଖ) ୧୮୫୭

୬. (ଗ) ୧୮୬୭

୭. (ଘ) ୧୮୭୬

୮. (ଘ) କଟକ

୯. (ଖ) ଗୌରିଶଙ୍କର ରାୟ

୧୦. (ଖ) ଫକୀର ମୋହନ ସେନାପତି

୧୧. (ଖ) ବାଲେଶ୍ୱର

୧୨. (ଗ) ୧୮୬୮

୧୩. (ଘ) ସମ୍ବଲପୁର ହିତୈଷିଣୀ

୧୪. (ଖ) ନୀଳମଣି ବିଦ୍ୟାରତ୍ନ

୧୫. (ଗ) କଟକ, ପୁରୀ, ବାଲେଶ୍ୱର

୧୬. (ଘ) ପାର୍ଶୀ

୧୭. (ଗ) ବଙ୍ଗଳା

୧୮. (ଘ) ଉତ୍କଳ ସଭା

୧୯. (କ) ଉତ୍କଳ ହିତବାଦିନୀ ସଭା

୨୦. (ଖ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା

# ଦ୍ୱିତୀୟ ପାଠ
# ଉତ୍କଳ ସମ୍ମିଳନୀର ଗଠନ

## ବହୁବିକଳ୍ପ ପ୍ରଶ୍ନ

**୧. କେଉଁ ଅନୁଷ୍ଠାନ ଓଡ଼ିଶାର ପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ ଥିଲା ?**

(କ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା

(ଖ) ଉତ୍କଳ ସଭା

(ଗ) ଗଞ୍ଜାମ ଜାତୀୟ ସମିତି

(ଘ) ଉତ୍କଳ ସମ୍ମିଳନୀ

**୨. 'ଉତ୍କଳ ସଭା'ର ପ୍ରଥମ ସଭାପତି କିଏ ଥିଲେ ?**

(କ) ମଧୁସୂଦନ ଦାସ

(ଖ) ଗୌରୀଶଙ୍କର ରାୟ

(ଗ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଘ) ଚୌଧୁରୀ କାଶୀନାଥ ଦାସ

**୩. ୧୮୮୬ ମସିହା ଡିସେମ୍ବର ୨୮ ତାରିଖରେ କଲିକତାଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଉତ୍କଳ ସଭା ତରଫରୁ କିଏ ଯୋଗ ଦେଇଥିଲେ ?**

(କ) ମଧୁସୂଦନ ଦାସ

(ଖ) ହରିହର ମର୍ଦ୍ଦରାଜ

(ଗ) ଗୌରୀଶଙ୍କର ରାୟ

(ଘ) ଚୌଧୁରୀ କାଶୀନାଥ ଦାସ

**୪. କାହାର ପ୍ରେରଣାରେ ୧୯୦୩ରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ?**

(କ) ମଧୁସୂଦନ ଦାସ

(ଖ) ହରିହର ମର୍ଦ୍ଦରାଜ

(ଗ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଘ) ବିକ୍ରମଦେବ ବର୍ମା

**୫. ୧୯୦୩ ଏପ୍ରିଲ୍‌ରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମିତିର ପ୍ରଥମ ସଭା "ଗଞ୍ଜାମ ଜାତୀୟ ସଭା"ରେ କିଏ ଅଧ୍ୟକ୍ଷତା କରିଥିଲେ ?**

(କ) ହରିହର ମର୍ଦ୍ଦରାଜ

(ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଗ) ମଧୁସୂଦନ ଦାସ

(ଘ) ଶ୍ୟାମସୁନ୍ଦର ରାଜଗୁରୁ

**୬. 'ଉତ୍କଳ ସଭା'ର ଶେଷ ସଭାରେ କିଏ ସଭାପତିତ୍ୱ କରିଥିଲେ ?**

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଖ) ମଧୁସୂଦନ ଦାସ

(ଗ) ହରିହର ମର୍ଦ୍ଦରାଜ

(ଘ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

**୭. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ କିଏ ଥିଲେ ?**

(କ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

(ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଗ) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

(ଘ) ମଧୁସୂଦନ ଦାସ

**୮. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଅଭ୍ୟର୍ଥନା କମିଟିର ସମ୍ପାଦକ କିଏ ଥିଲେ ?**

(କ) କାଶୀନାଥ ଦାସ

(ଖ) ମଧୁସୂଦନ ଦାସ

(ଗ) ଗୌରୀଶଙ୍କର ରାୟ

(ଘ) ହରିହର ମର୍ଦ୍ଦରାଜ

**୯. ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?**

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଖ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

(ଗ) ମଧୁସୂଦନ ଦାସ

(ଘ) କାଶୀନାଥ ଦାସ

**୧୦. କେଉଁଠାରେ ଅନୁଷ୍ଠିତ ଉତ୍କଳ ସଭାର ଶେଷ ସଭାରେ ଉତ୍କଳ ସମ୍ମିଳନୀ ଗଠନ ନିଷ୍ପତ୍ତି ନିଆଯାଇଥିଲା ?**

(କ) ଖଲିକୋଟ (ଖ) ବ୍ରହ୍ମପୁର

(ଗ) ରମ୍ଭା (ଘ) କଟକ

**୧୧. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିବା ରାଜାମାନଙ୍କ ମଧ୍ୟରୁ କିଏ ଢେଙ୍କାନାଳ ରାଜା ଥିଲେ ?**

(କ) ବିଶ୍ୱନାଥ ଦେବର୍ତ୍ତା ପଟ୍ଟନାୟକ

(ଖ) କିଶୋର ଚନ୍ଦ୍ର ହରିଚନ୍ଦନ

(ଗ) ସୁରପ୍ରତାପ ମହେନ୍ଦ୍ର ବାହାଦୁର

(ଘ) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

**୧୨. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିବା ରାଜାମାନଙ୍କ ମଧ୍ୟରୁ ଧନୁର୍ଜୟ ନାରାୟଣ ଭଞ୍ଜ କେଉଁ ଗଡ଼ଜାତର ରାଜା ଥିଲେ ?**

(କ) ଖଲିକୋଟ (ଖ) କନିକା

(ଗ) ମୟୁରଭଞ୍ଜ (ଘ) କେନ୍ଦୁଝର

**୧୩. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିବା ରାଜାମାନଙ୍କ ମଧ୍ୟରୁ କିଏ ଆଠଗଡ଼ର ରାଜା ଥିଲେ ?**

(କ) ସୁର ପ୍ରତାପ ମହେନ୍ଦ୍ର ବାହାଦୁର

(ଖ) କିଶୋର ଚନ୍ଦ୍ର ହରିଚନ୍ଦନ

(ଗ) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

(ଘ) ବିଶ୍ୱନାଥ ଦେବର୍ତ୍ତା ପଟ୍ଟନାୟକ

**୧୪. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିବା ରାଜାମାନଙ୍କ ମଧ୍ୟରୁ କିଶୋର ଚନ୍ଦ୍ର ହରିଚନ୍ଦନ କେଉଁ ଗଡ଼ଜାତର ରାଜା ଥିଲେ ?**

(କ) ଢେଙ୍କାନାଳ (ଖ) ଆଠଗଡ଼

(ଗ) ତାଳଚେର (ଘ) କେନ୍ଦୁଝର

**୧୫. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିବା ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ କେଉଁ ଗଡ଼ଜାତର ରାଜା ଥିଲେ ?**

(କ) ଖଲିକୋଟ (ଖ) ମୟୁରଭଞ୍ଜ

(ଗ) କନିକା (ଘ) କେନ୍ଦୁଝର

**୧୬. କେଉଁଠାରେ ଉତ୍କଳ ସମ୍ମିଳନୀର ଅଧିବେଶନରେ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ ?**

(କ) ଜୟପୁର (ଖ) ବ୍ରହ୍ମପୁର

(ଗ) କଟକ (ଘ) ପାରଳାଖେମୁଣ୍ଡି

**୧୭. ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ କିଏ ଅଧ୍ୟକ୍ଷତା କରିଥିଲେ ?**

(କ) ବୈକୁଣ୍ଠନାଥ ଦେ ବାହାଦୁର

(ଖ) ବିକ୍ରମଦେବ ବର୍ମା

(ଗ) ହରିହର ମର୍ଦ୍ଦରାଜ

(ଘ) ଗୋପବନ୍ଧୁ ଦାସ

**୧୮. କେବେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡଙ୍କୁ କଲିକତାଠାରେ ଏକ ଦାବିପତ୍ର ଦିଆଯାଇଥିଲା ?**

(କ) ୧୯୧୨ (ଖ) ୧୯୧୪

(ଗ) ୧୯୧୭ (ଘ) ୧୯୧୮

**୧୯. କେଉଁଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିଦେଲା ?**

(କ) ଜୟପୁର

(ଖ) ପାରଳାଖେମୁଣ୍ଡି

(ଗ) ଚକ୍ରଧରପୁର

(ଘ) କଟକ

**୨୦. ଉତ୍କଳ ସମ୍ମିଳନୀର କଂଗ୍ରେସ ସହିତ ମିଶ୍ରଣକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ଉଦ୍ୟମରେ ପୁନର୍ଗଠିତ ସମ୍ମିଳନୀର ପ୍ରଥମ ଅଧିବେଶନ କେବେ ଅନୁଷ୍ଠିତ ହୋଇଥିଲା ?**

(କ) ୧୯୨୦ (ଖ) ୧୯୨୧

(ଗ) ୧୯୨୪ (ଘ) ୧୯୨୫

**୨୧. ପୁନର୍ଗଠିତ ଉତ୍କଳ ସମ୍ମିଳନୀର କଟକଠାରେ ଅନୁଷ୍ଠିତ ପ୍ରଥମ ବୈଠକରେ କିଏ ସଭାପତିତ୍ୱ କରିଥିଲେ ?**

(କ) ଗୋପବନ୍ଧୁ ଦାସ

(ଖ) କଳ୍ପତରୁ ଦାସ

(ଗ) ବଧୁସୂଦନ ଦାସ

(ଘ) ବୈକୁଣ୍ଠନାଥ ଦେ ବାହାଦୂର

**୨୨. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଉତ୍କଳ ସମ୍ମିଳନୀର ଶେଷ ବୈଠକ କେବେ ଅନୁଷ୍ଠିତ ହୋଇଥିଲା ?**

(କ) ୧୯୨୪ (ଖ) ୧୯୨୫

(ଗ) ୧୯୩୪ (ଘ) ୧୯୩୫

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) ଉତ୍କଳ ସଭା

୨. (ଘ) ଚୌଧୁରୀ କାଶୀନାଥ ଦାସ

୩. (କ) ମଧୁସୂଦନ ଦାସ

୪. (ଖ) ହରିହର ମର୍ଦ୍ଦରାଜ

୫. (ଘ) ଶ୍ୟାମସୁନ୍ଦର ରାଜଗୁରୁ

୬. (ଖ) ମଧୁସୂଦନ ଦାସ

୭. (ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

୮. (ଖ) ମଧୁସୂଦନ ଦାସ

୯. (ଖ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

୧୦. (ଘ) କଟକ

୧୧. (ଗ) ସୁରପ୍ରତାପ ମହେନ୍ଦ୍ର ବାହାଦୁର

୧୨. (ଘ) କେନ୍ଦୁଝର

୧୩. (ଘ) ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ

୧୪. (ଗ) ତାଳଚେର

୧୫. (ଖ) ମୟୁରଭଞ୍ଜ

୧୬. (ଖ) ବ୍ରହ୍ମପୁର

୧୭. (ଖ) ବିକ୍ରମଦେବ ବର୍ମା

୧୮. (ଗ) ୧୯୧୭

୧୯. (ଗ) ଚକ୍ରଧରପୁର

୨୦. (ଘ) ୧୯୨୫

୨୧. (ଖ) କଳ୍ପତରୁ ଦାସ

୨୨. (ଘ) ୧୯୩୫

# ତୃତୀୟ ପାଠ
# ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

## ବହୁବିକଳ୍ପ ପ୍ରଶ୍ନ

**୧. ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କିଏ କହିଥିଲେ ?**

(କ) ଗୋଲ୍ଡସ୍‌ବରୀ

(ଖ) ବାସୁଦେବ ବନ୍ଦୋପାଧ୍ୟାୟ

(ଗ) ରାଜେନ୍ଦ୍ରଲାଲ୍ ମିତ୍ର

(ଘ) ଜନ୍ ବିମ୍ସ୍

**୨. କେବେ କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର ସାର୍ ଆଣ୍ଡ୍ରୁ୍ୟଫ୍ରେଜର ସମ୍ବଲପୁର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କରିଥିଲେ ?**

(କ) ୧୯୪୯ (ଖ) ୧୮୮୮

(ଗ) ୧୮୯୫ (ଘ) ୧୯୦୩

**୩. ସମ୍ବଲପୁର କୋର୍ଟକଚେରୀମାନଙ୍କରେ ହିନ୍ଦୀଭାଷା ପ୍ରଚଳନକୁ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ସମାଲୋଚନା କରିଥିବାରୁ ଏହାର ସମ୍ପାଦକ ନୀଳମଣି ବିଦ୍ୟାରତ୍ନଙ୍କୁ କିଏ ସାଧୁବାଦ ଜଣାଇଥିଲେ ?**

(କ) ଫକୀର ମୋହନ ସେନାପତି

(ଖ) ଗଙ୍ଗାଧର ମେହେର

(ଗ) ରାଧାନାଥ ରାୟ

(ଘ) ବଳଭଦ୍ର ସୁପକାର

**୪. ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିମାନେ ୧୯୦୧ ଅଗଷ୍ଟ ମାସରେ କେଉଁଠାରେ ଲଡ଼୍ କର୍ଜନଙ୍କୁ ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କିତ ସ୍ମାରକପତ୍ର ଦେଇଥିଲେ ?**

(କ) କଟକ (ଖ) ମାନ୍ଦ୍ରାଜ

(ଗ) ସମ୍ବଲପୁର (ଘ) ସିମ୍ଳା

**୫. କେବେ ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପୁନଃପ୍ରଚଳିତ ହେଲା ?**

(କ) ୧୮୯୫ ଜାନୁଆରୀ ୧୫

(ଖ) ୧୯୦୩ ଜାନୁଆରୀ ୧

(ଗ) ୧୯୦୩ ଡିସେମ୍ବର ୩

(ଘ) ୧୯୦୫ ଜୁଲାଇ ୧୯

**୬. ଭାରତ ସରକାରଙ୍କ ଘରୋଇ ସଚିବ ହେନ୍‌ରୀ ରିସ୍‌ଲେଙ୍କ ଦ୍ୱାରା କେବେ ରିସ୍‌ଲେ ସର୍କୁଲାର ପ୍ରକାଶ କରାଯାଇଥିଲା ?**

(କ) ୧୯୦୩ ଜାନୁଆରୀ ୧

(ଖ) ୧୯୦୩ ଡିସେମ୍ବର ୩

(ଗ) ୧୯୦୪ ଜାନୁଆରୀ ୫

(ଘ) ୧୯୦୫ ଜୁଲାଇ ୧୯

**୭. କେନ୍ଦ୍ରୀୟ ପ୍ରଦେଶରୁ ଆସି ଓଡ଼ିଶାରେ ମିଶିଥିବା ଅଞ୍ଚଳମାନଙ୍କ ମଧ୍ୟରେ କେଉଁଟି ଅନ୍ତର୍ଭୁକ୍ତ ନ ଥିଲା ?**

(କ) ବାମଣ୍ଡା (ଖ) ବଣେଇ

(ଗ) ପାଟଣା (ଘ) ସୋନପୁର

୮. **କେବେ ଲର୍ଡ କର୍ଜନ ଓଡ଼ିଶା ସହିତ ଦକ୍ଷିଣରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶାଇବା ପାଇଁ ମାନ୍ଦ୍ରାଜ ଗଭର୍ଣ୍ଣର ଲର୍ଡ ଆମ୍ପଥିଲଙ୍କୁ ଏକ ପତ୍ର ଲେଖିଥିଲେ ?**
(କ) ୧୯୦୩ ଡିସେମ୍ବର ୩
(ଖ) ୧୯୦୪ ଜାନୁଆରୀ ୫
(ଗ) ୧୯୦୪ ଜୁନ୍ ୨୦
(ଘ) ୧୯୦୫ ଜୁଲାଇ ୧୯

୯. **କେବେ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା ?**
(କ) ୧୯୧୧ ଡିସେମ୍ବର ୨୭
(ଖ) ୧୯୧୨ ଏପ୍ରିଲ୍ ୬
(ଗ) ୧୯୧୨ ଏପ୍ରିଲ୍ ୭
(ଘ) ୧୯୧୨ ଅଗଷ୍ଟ ୧

୧୦. **କେବେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ଏକ ସାତଜଣିଆ କମିଟି ମଣ୍ଟେଗୁ ଓ ଚେମ୍ସଫୋର୍ଡଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣ ସମ୍ପର୍କରେ ଏକ ଦାବୀପତ୍ର ଦେଇଥିଲେ ?**
(କ) ୧୯୧୨ ଏପ୍ରିଲ୍ ୭
(ଖ) ୧୯୧୪ ଡିସେମ୍ବର ୨୭
(ଗ) ୧୯୧୭ ଡିସେମ୍ବର ୧୧
(ଘ) ୧୯୨୦ ଫେବୃୟାରୀ ୨୦

୧୧. **୧୯୧୯ ମସିହାରେ ପୁରୀଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ କାହାକୁ କେନ୍ଦ୍ରର ସମ୍ରାଟଙ୍କ ବିଧାୟକ ପରିଷଦରେ ଓଡ଼ିଶା ପ୍ରଦେଶ ଗଠନ ଦାବୀ ଉତ୍‌ଥାପନ କରିବା ପାଇଁ ଅନୁରୋଧ କରାଯାଇଥିଲା ?**
(କ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ରାଜା ବିକ୍ରମଦେବ ବର୍ମା
(ଖ) ମଧୁସୂଦନ ଦାସ ଓ କୃଷ୍ଣଚନ୍ଦ୍ର ଭଞ୍ଜଦେଓ
(ଗ) ସଚ୍ଚିଦାନନ୍ଦ ସିହ୍ନା ଓ ରାଜେନ୍ଦ୍ର ଭଞ୍ଜଦେଓ
(ଘ) ବିଶ୍ୱନାଥ କର ଓ ଶଶିଭୂଷଣ ରଥ

୧୨. **କିଏ ବିହାର-ଓଡ଼ିଶା ବିଧାନ ପରିଷଦର ସଦସ୍ୟ ଥିଲେ ?**
(କ) ନୀଳକଣ୍ଠ ଦାସ (ଖ) ବିଶ୍ୱନାଥ କର
(ଗ) ଭୁବନାନନ୍ଦ ଦାସ (ଘ) ଶଶିଭୂଷଣ ରଥ

୧୩. **କିଏ ମାନ୍ଦ୍ରାଜ ବିଧାନ ପରିଷଦର ସଦସ୍ୟ ଥିଲେ ?**
(କ) ଭୁବନାନନ୍ଦ ଦାସ (ଖ) ନୀଳକଣ୍ଠ ଦାସ
(ଗ) ଶଶିଭୂଷଣ ରଥ (ଘ) ବିଶ୍ୱନାଥ କର

୧୪. **କିଏ କେନ୍ଦ୍ରୀୟ ବିଧାୟକ ପରଷଦରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଓଡ଼ିଶାରେ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ?**
(କ) ବିଶ୍ୱନାଥ କର ଓ ଶଶିଭୂଷଣ ରଥ
(ଖ) ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ
(ଗ) ବିଶ୍ୱନାଥ କର ଓ ନୀଳକଣ୍ଠ ଦାସ
(ଘ) ଭୁବନାନନ୍ଦ ଦାସ ଓ ଶଶିଭୂଷଣ ରଥ

୧୫. **ଗଞ୍ଜାମର ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବା ପାଇଁ ଇଂରେଜ ସରକାର କେବେ ଗଡ଼ଜାତ ରାଜ୍ୟସମୂହର ପଲିଟିକାଲ ଏଜେଣ୍ଟ ସି.ଏଲ.ଫିଲିପ୍ ଓ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିର ବେଲା ଜିଲ୍ଲାର ଜିଲ୍ଲାପାଳ ଏ.ସି.ଡ଼ଫ୍‌ଙ୍କୁ ନେଇ ଫିଲିପ୍-ଡଫ୍ କମିଟି ଗଠନ କରିଥିଲେ ?**
(କ) ୧୯୨୦ (ଖ) ୧୯୨୧
(ଗ) ୧୯୨୪ (ଘ) ୧୯୨୮

୧୬. **କେଉଁଠାରେ ଉତ୍କଳ ସମ୍ମିଳନୀର ସଭ୍ୟମାନେ ସାଇମନ କମିଶନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ?**
(କ) ମୁମ୍ବାଇ (ଖ) ପାଟନା
(ଗ) ମାନ୍ଦ୍ରାଜ (ଘ) ହମ୍ବଲା

୧୭. ପାଟନାଠାରେ ସାଇମନ କମିଶନଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶାର ପ୍ରଦେଶ ଗଠନ ଦାବି ଉପସ୍ଥାପନ କରିଥିବା ନେତୃବୃନ୍ଦଙ୍କ ମଧ୍ୟରେ କିଏ ଅନ୍ତର୍ଭୁକ୍ତ ନଥିଲେ ?

(କ) ବ୍ରଜସୁନ୍ଦର ଦାସ

(ଖ) କୃଷ୍ଣଚନ୍ଦ୍ର ଗଜପତି

(ଗ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଘ) ଲକ୍ଷ୍ମୀଧର ମହାନ୍ତି

୧୮. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ମତାମତ ଦେବା ପାଇଁ ସି.ଆର୍.ଅଟଲିଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟିର ସଦସ୍ୟମାନଙ୍କ ମଧ୍ୟରୁ କିଏ କେନ୍ଦ୍ରୀୟ ବିଧାୟକ ପରିଷଦର ସଦସ୍ୟ ଥିଲେ ?

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଖ) ଲକ୍ଷ୍ମୀଧର ମହାନ୍ତି

(ଗ) ଡକ୍ଟର ସୁରୱାର୍ଦ୍ଦି

(ଘ) ନୀଳକଣ୍ଠ ଦାସ

୧୯. କେବେ ମହାରାଜା କୃଷ୍ଣଚନ୍ଦ୍ର ଇଂଲଣ୍ଡରେ ଏକ ଐତିହାସିକ ଭାଷଣ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଯୌକ୍ତିକତା ଉପସ୍ଥାପନ କରିଥିଲେ ?

(କ) ୧୯୩୦ ନଭେମ୍ବର ୧୨

(ଖ) ୧୯୩୧ ଜାନୁଆରୀ ୧୬

(ଗ) ୧୯୩୧ ଜାନୁଆରୀ ୧୯

(ଘ) ୧୯୩୧ ମାର୍ଚ୍ଚ ୨୯

୨୦. କେବେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ଓଡ଼ିଶାର ପ୍ରତିନିଧିମାନେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବି ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଇଥିଲେ ?

(କ) ୧୯୩୧ ଜାନୁଆରୀ ୧୬

(ଖ) ୧୯୩୧ ମାର୍ଚ୍ଚ ୨୯

(ଗ) ୧୯୩୧ ମେ ୩

(ଘ) ୧୯୩୧ ସେପ୍ଟେମ୍ବର ୧୩

୨୧. ୧୯୩୧ ସେପ୍ଟେମ୍ବର ୧୩ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ସାମୁଏଲ୍ ଓ ଡନେଲଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ସଦସ୍ୟ ବିଶିଷ୍ଟ ସୀମା ନିର୍ଦ୍ଧାରଣ କମିଟିରେ କିଏ ଜଣେ ସଭ୍ୟ ଥିଲେ ?

(କ) କୃଷ୍ଣଚନ୍ଦ୍ର ଗଜପତି

(ଖ) ସି.ଭି.ଏସ୍. ନରସିଂହ ରାଜୁ

(ଗ) ଏଚ୍.ଏମ୍. ମେହେଟ୍ଟା

(ଘ) ସଚ୍ଚିଦାନନ୍ଦ ସିହ୍ନା

୨୨. ଓ' ଡନେଲ କମିଟିର ପ୍ରତିକୂଳ ନିର୍ଦ୍ଧାରଣ ବିରୋଧରେ ବଡ଼ଲାଟଙ୍କୁ ଅବଗତ କରାଇବା ପାଇଁ ଉତ୍କଳ ସମ୍ମିଳନୀର ବ୍ରହ୍ମପୁର ଅଧିବେଶନରେ ପାରଳାଖେମୁଣ୍ଡି ମହାରାଜାଙ୍କ ଅଧିନାୟକତ୍ୱରେ ଗଠିତ କମିଟି କେବେ ସିମ୍ଲାଠାରେ ବଡ଼ଲାଟ ଲର୍ଡ଼ ୱିଲିଙ୍ଗଡ଼ନଙ୍କୁ ସାକ୍ଷାତ କରିଥିଲେ ?

(କ) ୧୯୩୨ ଅଗଷ୍ଟ ୨୧

(ଖ) ୧୯୩୨ ସେପ୍ଟେମ୍ବର ୦୨

(ଗ) ୧୯୩୨ ସେପ୍ଟେମ୍ବର ୧୭

(ଘ) ୧୯୩୨ ଡିସେମ୍ବର ୨୪

୨୩. କେବେ ଭାରତ ସଚିବ ସାମୁଏଲ୍ ହୋର୍ ଭାରତ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପୃଥକ ଓଡ଼ିଶା ପ୍ରଦେଶ ଗଠନର ଘୋଷଣା କରିଥିଲେ ?

(କ) ୧୯୩୨ ସେପ୍ଟେମ୍ବର ୧୭

(ଖ) ୧୯୩୨ ଡିସେମ୍ବର ୨୪

(ଗ) ୧୯୩୩ ମାର୍ଚ୍ଚ ୧୭

(ଘ) ୧୯୩୩ ଜୁଲାଇ ୩

୨୪. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ କେବେ ଇଂରେଜ ସରକାରଙ୍କ ଶ୍ୱେତପତ୍ର ପ୍ରକାଶ ପାଇଥିଲା ?

(କ) ୧୯୩୨ ସେପ୍ଟେମ୍ବର ୧୭

(ଖ) ୧୯୩୨ ଡିସେମ୍ବର ୨୪

(ଗ) ୧୯୩୩ ମାର୍ଚ୍ଚ ୧୭

(ଘ) ୧୯୩୩ ଜୁଲାଇ ୩

**୨୫. ୧୯୩୩ ଜୁଲାଇ ୩ ରେ ଲଣ୍ଡନଠାରେ ସାମୁଏଲ ହୋରଙ୍କ ନିକଟରେ ଓଡ଼ିଶା ସୀମାର ପୁନଃନିର୍ଦ୍ଧାରଣ ପାଇଁ ଦାବି ଉପସ୍ଥାପନ କରିଥିବା ନେତୃବୃନ୍ଦଙ୍କ ମଧ୍ୟରେ କିଏ ଅନ୍ତର୍ଭୁକ୍ତ ନଥିଲେ ?**

(କ) କୃଷ୍ଣଚନ୍ଦ୍ର ଗଜପତି (ଖ) ଲକ୍ଷ୍ମୀଧର ମହାନ୍ତି

(ଗ) ରାମଚନ୍ଦ୍ର ମର୍ଦ୍ଦରାଜ (ଘ) ଭଗବାନ ଦାସ

**୨୬. ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରିକୁ ଓଡ଼ିଶାରେ ମିଶାଇବା ପାଇଁ ଦାବୀ କରାଯାଇଥିବା ୧୯୩୪ ଫେବୃୟାରୀ ୧୧ ରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ତ୍ରୟୋବିଂଶ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?**

(କ) ଲକ୍ଷ୍ମୀଧର ମହାନ୍ତି

(ଖ) ମଧୁସୂଦନ ପାଣିଗ୍ରାହୀ

(ଗ) ବିକ୍ରମଦେବ ବର୍ମା

(ଘ) ରାମଚନ୍ଦ୍ର ମର୍ଦ୍ଦରାଜ

**୨୭. ନୂତନ ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ବ୍ରିଟିଶ୍ ପାର୍ଲାମେଣ୍ଟର ଉଭୟ ଗୃହର ଷୋହଳ ଜଣ ସଦସ୍ୟଙ୍କୁ ନେଇ ଗଠିତ 'ମିଳିତ ସଂସଦୀୟ କମିଟି'ର କିଏ ଅଧ୍ୟକ୍ଷ ଥିଲେ ?**

(କ) ସାମୁଏଲ୍ ହୋର

(ଖ) ଲର୍ଡ଼ ୱିଲିଂଡ଼ନ୍

(ଗ) ଲର୍ଡ଼ ଲିନ୍‌ଲିଥଗୋ

(ଘ) ସି.ଆର୍. ଅଟଲି

**୨୮. ଓଡ଼ିଶାକୁ ନୂତନ ପ୍ରଦେଶ ଭାବେ ସ୍ୱୀକୃତି ଦେଇଥିବା 'ଭାରତ ଶାସନ ଆଇନ୍' ଇରେଜମାନଙ୍କ ଦ୍ୱାରା କେବେ ପ୍ରଣୀତ ହୋଇଥିଲେ ?**

(କ) ୧୯୩୩ (ଖ) ୧୯୩୪

(ଗ) ୧୯୩୫ (ଘ) ୧୯୩୬

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) ରାଜେନ୍ଦ୍ରଲାଲ୍ ମିତ୍ର

୨. (ଗ) ୧୮୯୫

୩. (ଖ) ଗଙ୍ଗାଧର ମେହେର

୪. (ଘ) ସିମ୍‌ଲା

୫. (ଖ) ୧୯୦୩ ଜାନୁଆରୀ ୧

୬. (ଖ) ୧୯୦୩ ଡିସେମ୍ବର ୩

୭. (ଖ) ବଣେଇ

୮. (ଖ) ୧୯୦୪ ଜାନୁଆରୀ ୫

୯. (ଘ) ୧୯୧୨ ଅଗଷ୍ଟ ୧

୧୦. (ଗ) ୧୯୧୭ ଡିସେମ୍ବର ୧୧

୧୧. (ଗ) ସଚ୍ଚିଦାନନ୍ଦ ସିହ୍ନା ଓ ରାଜେନ୍ଦ୍ର ଭଞ୍ଜଦେଓ

୧୨. (ଖ) ବିଶ୍ୱନାଥ କର

୧୩. (ଗ) ଶଶିଭୂଷଣ ରଥ

୧୪. (ଖ) ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ

୧୫. (ଗ) ୧୯୨୪

୧୬. (ଖ) ପାଟନା

୧୭. (ଖ) କୃଷ୍ଣଚନ୍ଦ୍ର ଗଜପତି

୧୮. (ଗ) ଡକ୍ଟର ସୁରଓ୍ୱାର୍ଦ୍ଦି

୧୯. (ଖ) ୧୯୩୧ ଜାନୁଆରୀ ୧୬

୨୦. (ଖ) ୧୯୩୧ ମାର୍ଚ୍ଚ ୨୯

୨୧. (ଗ) ଏଚ୍.ଏମ୍. ମେହେଟ୍ଟା

୨୨. (ଗ) ୧୯୩୨ ସେପ୍ଟେମ୍ବର ୧୭

୨୩. (ଖ) ୧୯୩୨ ଡିସେମ୍ବର ୨୪

୨୪. (ଗ) ୧୯୩୩ ମାର୍ଚ୍ଚ ୧୭

୨୫. (ଖ) ଲକ୍ଷ୍ମୀଧର ମହାନ୍ତି

୨୬. (ଖ) ମଧୁସୂଦନ ପାଣିଗ୍ରାହୀ

୨୭. (ଗ) ଲର୍ଡ଼ ଲିନ୍‌ଲିଥଗୋ

୨୮. (ଗ) ୧୯୩୫

# ଚତୁର୍ଥ ପାଠ
# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା

**୧. ୧୯୩୬ ମସିହାରେ ଗଠିତ ନୂତନ ଓଡ଼ିଶା ପ୍ରଦେଶର ୬ଟି ଜିଲ୍ଲା ମଧ୍ୟରେ କେଉଁ ଜିଲ୍ଲାଟି ଅନ୍ତର୍ଭୂକ୍ତ ନ ଥିଲା ?**

(କ) କୋରାପୁଟ (ଖ) ଫୁଲବାଣୀ

(ଗ) ଗଞ୍ଜାମ (ଘ) ସମ୍ବଲପୁର

**୨. ନୂତନ ଓଡ଼ିଶା ପ୍ରଦେଶରେ ବିଶାଖା ପାଟଣା ଏଜେନ୍ସିର କେଉଁ ଅଞ୍ଚଳ ମିଶାଯାଇଥିଲା ?**

(କ) କୋଦଲା (ଖ) ଘୁମୁସର

(ଗ) ପର୍ଲାଖେମୁଣ୍ଡି (ଘ) ସୋରଡ଼ା

**୩. ନୂତନ ଓଡ଼ିଶା ପ୍ରଦେଶରେ କେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶାଯାଇନଥିଲା ?**

(କ) ଖଡ଼ିଆର୍ (ଖ) ଫୁଲଝରେ

(ଗ) କୋଦଲା (ଘ) ପର୍ଲାଖେମୁଣ୍ଡି

**୪. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୩ ଜୁନ୍ ୨୪ରେ ଇଂରେଜ ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ପ୍ରଶାସନିକ କମିଟିର ଅଧ୍ୟକ୍ଷ କିଏ ଥିଲେ ?**

(କ) କୃଷ୍ଣଚନ୍ଦ୍ର ଗଜପତି

(ଖ) ଜନ୍ ଅଷ୍ଟିନ୍ ହବାକ୍

(ଗ) ମଧୁସୂଦନ ଦାସ

(ଘ) ସାର୍ କୋଟ୍‌ନେ ଟେରେଲ୍

**୫. ନୂତନ ଓଡ଼ିଶା ପ୍ରଦେଶରେ ନିର୍ବାଚିତ ସରକାର ଗଠିତ ହେବା ପୂର୍ବରୁ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ଉପଦେଷ୍ଟା ପରିଷଦର ଉପସଭାପତି କିଏ ଥିଲେ ?**

(କ) ଲକ୍ଷ୍ମୀଧର ମହାନ୍ତି

(ଖ) କୃଷ୍ଣଚନ୍ଦ୍ର ଗଜପତି

(ଗ) ବିଶ୍ୱନାଥ ଦାସ

(ଘ) ରାମଚନ୍ଦ୍ର ମର୍ଦ୍ଦରାଜ

**୬. ନୂତନ ଓଡ଼ିଶା ପ୍ରଦେଶର ବିଧାନସଭା ପାଇଁ ୧୯୩୭ ମସିହା ଜାନୁଆରୀ ୧୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ କୃଷ୍ଣଚନ୍ଦ୍ର ଗଜପତି କେଉଁ ଦଳର ନେତୃତ୍ୱ ନେଇଥିଲେ ?**

(କ) ସ୍ୱାଧୀନ ଦଳ (ଖ) କଂଗ୍ରେସ ଦଳ

(ଗ) ଜାତୀୟ ଦଳ (ଘ) ସଂଯୁକ୍ତ ଦଳ

**୭. ନୂତନ ଓଡ଼ିଶା ପ୍ରଦେଶର ବିଧାନ ସଭା ପାଇଁ ୧୯୩୭ ମସିହା ଜାନୁଆରୀ ୧୮ରୁ ୨୩ ତାରିଖ ଅନୁଷ୍ଠିତ ପ୍ରଥମ ନିର୍ବାଚନର ପ୍ରତୁଦ୍ୱନ୍ଦିତା କରୁଥିବା ସଂଯୁକ୍ତ ଦଳର କିଏ ନେତୃତ୍ୱ ନେଇଥିଲେ ?**

(କ) କୃଷ୍ଣଚନ୍ଦ୍ର ଗଜପତି

(ଖ) ରାମଚନ୍ଦ୍ର ମର୍ଦ୍ଦରାଜ

(ଗ) ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଘ) ବିଶ୍ୱନାଥ ଦାସ

**୮. ନୂତନ ଓଡ଼ିଶା ପ୍ରଦେଶର ବିଧାନସଭା ପାଇଁ ୧୯୩୭ ମସିହା ଜାନୁୟାରୀ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ କେଉଁ ଦଳର ନେତୃତ୍ୱ ନେଇଥିଲେ ?**

(କ) ସଂଯୁକ୍ତ ଦଳ (ଖ) କଂଗ୍ରେସ ଦଳ

(ଗ) ଜାତୀୟ ଦଳ (ଘ) ସ୍ୱାଧୀନ ଦଳ

**୯. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ସାଧାରଣ ନିର୍ବାଚନରେ କେଉଁ ଦଳ ଏକକ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲା ?**

(କ) ଜାତୀୟ ଦଳ (ଖ) ସଂଯୁକ୍ତ ଦଳ

(ଗ) କଂଗ୍ରେସ ଦଳ (ଘ) ସ୍ୱାଧୀନ ଦଳ

**୧୦. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?**

(କ) ବିଶ୍ୱନାଥ ଦାସ

(ଖ) ହରେକୃଷ୍ଣ ମହତାବ

(ଗ) ନବକୃଷ୍ଣ ଚୌଧୁରୀ

(ଘ) କୃଷ୍ଣଚନ୍ଦ୍ର ଗଜପତି

**୧୧. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ମନ୍ତ୍ରୀମଣ୍ଡଳରେ କିଏ ଜଣେ ମନ୍ତ୍ରୀ ଥିଲେ ?**

(କ) ନିତ୍ୟାନନ୍ଦ କାନୁନ୍‌ଗୋ

(ଖ) ମୌଲବୀ ଅବଦୁସ୍ ଶୋଭନ ଖାଁ

(ଗ) ମୌଲବୀ ଲତିଫୁର ରେହମାନ

(ଘ) ଗୋଦାବରୀଶ ମିଶ୍ର

**୧୨. ବିଶ୍ୱନାଥ ଦାସଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ କିଏ ମନ୍ତ୍ରୀ ଥିଲେ ?**

(କ) ଗୋଦାବରୀଶ ମିଶ୍ର

(ଖ) ବୋଧରାମ୍ ଦୁବେ

(ଗ) ଗୋରାଚାନ୍ଦ ପଟ୍ଟନାୟକ

(ଘ) ରାଧାକୃଷ୍ଣ ବିଶ୍ୱାସରାୟ

**୧୩. ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱିତୀୟ ମନ୍ତ୍ରିମଣ୍ଡଳରେ କିଏ ଜଣେ ମନ୍ତ୍ରୀ ଥିଲେ ?**

(କ) ଗୋରାଚାନ୍ଦ ପଟ୍ଟନାୟକ

(ଖ) ପଣ୍ଡିତ ଗୋଦାବରୀଶ ମିଶ୍ର

(ଗ) ପଣ୍ଡିତ ଲିଙ୍ଗରାଜ ମିଶ୍ର

(ଘ) ନିତ୍ୟାନନ୍ଦ କାନୁନ୍‌ଗୋ

**୧୪. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ବିଧାନ ସଭାର ବାଚସ୍ପତି ଭାବେ କିଏ ନିର୍ବାଚିତ ହୋଇଥିଲେ ?**

(କ) ଯଦୁମଣି ମଙ୍ଗରାଜ

(ଖ) ନନ୍ଦକିଶୋର ଦାସ

(ଗ) ପ୍ୟାରିଶଙ୍କର ରାୟ

(ଘ) ମୁକୁନ୍ଦ ପ୍ରସାଦ ଦାସ

**୧୫. କେବେ ବିଶ୍ୱନାଥ ଦାସ ନୂତନ ଓଡ଼ିଶା ପ୍ରଦେଶର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ ?**

(କ) ୧୯୩୭ ଏପ୍ରିଲ୍ ୧

(ଖ) ୧୯୩୭ ଜୁଲାଇ ୧୩

(ଗ) ୧୯୩୭ ଜୁଲାଇ ୧୯

(ଘ) ୧୯୩୭ ଜୁଲାଇ ୨୮

**୧୬. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ବିଧାନସଭାର ଉପବାଚସ୍ପତି ବାବେ କିଏ ନିର୍ବାଚିତ ହୋଇଥିଲେ ?**

(କ) ମୁକୁନ୍ଦ ପ୍ରସାଦ ଦାସ

(ଖ) ଜଗନ୍ନାଥ ମିଶ୍ର

(ଗ) ରାଧାକୃଷ୍ଣ ବିଶ୍ୱାସ ରାୟ

(ଘ) ନନ୍ଦକିଶୋର ଦାସ

**୧୭. କେବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନୂତନ ଓଡ଼ିଶା ପ୍ରଦେଶର ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ ?**

(କ) ୧୯୩୭ ଜୁଲାଇ ୨୮

(ଖ) ୧୯୪୧ ଏପ୍ରିଲ୍ ୧

(ଗ) ୧୯୪୧ ନଭେମ୍ବର ୨୪

(ଘ) ୧୯୪୪ ଜୁନ୍ ୨୯

**୧୮. ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ମନ୍ତ୍ରିମଣ୍ଡଳ କେବେ ଇସ୍ତଫା ଦେଇଥିଲେ ?**

(କ) ୧୯୩୭ ଜୁଲାଇ ୧୩

(ଖ) ୧୯୩୭ ଜୁଲାଇ ୧୯

(ଗ) ୧୯୩୭ ଜୁଲାଇ ୨୮

(ଘ) ୧୯୪୪ ଜୁନ୍ ୨୯

**୧୯. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର କେଉଁ ମନ୍ତ୍ରିମଣ୍ଡଳର କାର୍ଯ୍ୟକାଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ?**

(କ) କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳ

(ଖ) ବିଶ୍ୱନାଥ ଦାସଙ୍କ ପ୍ରଥମ ମନ୍ତ୍ରିମଣ୍ଡଳ

(ଗ) କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱିତୀୟ ମନ୍ତ୍ରିମଣ୍ଡଳ

(ଘ) ହରେକୃଷ୍ଣ ମହତାବଙ୍କ ପ୍ରଥମ ମନ୍ତ୍ରିମଣ୍ଡଳ

**୨୦. କେବେ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫାଦେଇଥିଲେ ?**

(କ) ୧୯୩୭ ଜୁଲାଇ ୧୩

(ଖ) ୧୯୩୭ ଜୁଲାଇ ୧୯

(ଗ) ୧୯୪୧ ନଭେମ୍ବର ୨୪

(ଘ) ୧୯୪୪ ଜୁନ୍ ୨୯

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) ଫୁଲବାଣୀ

୨. (ଗ) ପଚ୍ଚାଙ୍ଗୀ

୩. (ଖ) ଫୁଲଝର

୪. (ଖ) ଜନ୍ ଅଷ୍ଟିନ୍ ହବାକ୍

୫. (କ) ଲକ୍ଷ୍ମୀଧର ମହାନ୍ତି

୬. (ଗ) ଜାତୀୟ ଦଳ

୭. (ଗ) ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ

୮. (ଘ) ସ୍ୱାଧୀନ ଦଳ

୯. (ଗ) କଂଗ୍ରେସ ଦଳ

୧୦. (ଘ) କୃଷ୍ଣଚନ୍ଦ୍ର ଗଜପତି

୧୧. (ଗ) ମୌଲବୀ ଲତିଫୁର ରେହମାନ

୧୨. (ଖ) ବୋଧରାମ୍ ଦୁବେ

୧୩. (ଖ) ପଣ୍ଡିତ ଗୋଦାବରୀଶ ମିଶ୍ର

୧୪. (ଘ) ମୁକୁନ୍ଦ ପ୍ରସାଦ ଦାସ

୧୫. (ଗ) ୧୯୩୭ ଜୁଲାଇ ୧୯

୧୬. (ଘ) ନନ୍ଦକିଶୋର ଦାସ

୧୭. (ଗ) ୧୯୪୧ ନଭେମ୍ବର ୨୪

୧୮. (କ) ୧୯୩୭ ଜୁଲାଇ ୧୩

୧୯. (ଗ) କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱିତୀୟ ମନ୍ତ୍ରୀମଣ୍ଡଳ

୨୦. (ଘ) ୧୯୪୪ ଜୁନ୍ ୨୯

**ତୃତୀୟ ଅଧ୍ୟାୟ**

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

## ପ୍ରଥମ ପାଠ

## ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କ ମିଶ୍ରଣ

**ବହୁବିକଳ୍ପ ପ୍ରଶ୍ନ**

**୧. ଓଡ଼ିଶା ସହିତ ମିଶ୍ରଣ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କ ସଂଖ୍ୟା କେତେ ଥିଲା ?**

(କ) ୨୩ (ଖ) ୨୪
(ଗ) ୨୫ (ଘ) ୨୬

**୨. ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ଦେଶୀୟ ରାଜ୍ୟମାନଙ୍କର ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ କ'ଣ କୁହାଯାଉଥିଲା ?**

(କ) ବେଠି (ଖ) ଭେଠି
(ଗ) ବେଗାରୀ (ଘ) ରସଦ

**୩. ଦେଶୀୟ ରାଜ୍ୟମାନଙ୍କରେ ପ୍ରଜାମାନେ ଗୋଟିଏ ଶିବିରରୁ ଅନ୍ୟ ଶିବିରକୁ ରାଜା ବା ରାଜ କର୍ମଚାରୀମାନଙ୍କୁ ପାଲିଙ୍କି ବା ସବାରୀରେ ବୋହିବା ପ୍ରଥାକୁ କ'ଣ କୁହାଯାଉଥିଲା ?**

(କ) ଭେଟି (ଖ) ବେଗାରୀ
(ଗ) ମାଗଣ (ଘ) ରସଦ

**୪. ଦେଶୀୟ ରାଜ୍ୟମାନଙ୍କରେ ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ ପ୍ରଥାକୁ କ'ଣ କୁହାଯାଉଥିଲା ?**

(କ) ବେଠି (ଖ) ବେଗାରୀ
(ଗ) ଭେଟି (ଘ) ମାଗଣ

**୫. ଦେଶୀୟ ରାଜ୍ୟମାନଙ୍କରେ ରାଜା ଓ ରାଜକର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ପ୍ରଜାମାନଙ୍କ ଦ୍ୱାରା ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ କରିବା ପ୍ରଥାକୁ କ'ଣ କୁହାଯାଉଥିଲା ?**

(କ) ମାଗଣ (ଖ) ଭେଟି
(ଗ) ବେଗାରୀ (ଘ) ରସଦ

**୬. ଦେଶୀୟ ରାଜ୍ୟମାନଙ୍କରେ ପର୍ବପର୍ବାଣି ଓ ବିବାହ ଉତ୍ସବ ସମୟରେ ପ୍ରଜାମାନେ ରାଜଉଆସକୁ ଉପହାର ପଠାଇବା ପ୍ରଥାକୁ କ'ଣ କୁହାଯାଉଥିଲା ?**

(କ) ରସଦ (ଖ) ମାଗଣ
(ଗ) ଭେଟି (ଘ) ବେଠି

**୭. ଓଡ଼ିଶାରେ ଗଡ଼ଜାତ ରାଜ୍ୟମାନଙ୍କ କୁଶାସନ ଓ ଅତ୍ୟାଚାର ବିରୁଦ୍ଧରେ ଗଡ଼ଜାତ ପ୍ରଜାମାନେ କେବେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେ ?**

(କ) ୧୯୨୨ (ଖ) ୧୯୨୮
(ଗ) ୧୯୩୦ (ଘ) ୧୯୩୨

**୮. ଓଡ଼ିଶାରେ କେଉଁଠାରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?**

(କ) ତାଳଚେର (ଖ) ଢେଙ୍କାନାଳ
(ଗ) ନୀଳଗିରି (ଘ) ବୌଦ

୯. ୧୯୨୮ ମସିହାରେ କେଉଁଠାରେ ପ୍ରଜା ବିଦ୍ରୋହ ଆରମ୍ଭ ହୋଇଥିଲା ?

(କ) ଢେଙ୍କାନାଳ (ଖ) ବୌଦ

(ଗ) ନୀଳଗିରି (ଘ) ତାଳଚେର

୧୦. ବୌଦରେ କେବେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(କ) ୧୯୨୮ (ଖ) ୧୯୩୦

(ଗ) ୧୯୩୧ (ଘ) ୧୯୩୨

୧୧. ୧୯୩୨ ମସିହାରେ କେଉଁଠାରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(କ) ନୀଳଗିରି

(ଖ) ବୌଦ

(ଗ) ତାଳଚେର

(ଘ) ଢେଙ୍କାନାଳ

୧୨. ୧୯୩୧ ଜୁନ୍ ୨୦ ତାରିଖ ଦିନ କଟକଠାରେ ଅନୁଷ୍ଠିତ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ସାରଙ୍ଗଧର ଦାସ

(ଖ) ଭୁବନାନନ୍ଦ ଦାସ

(ଗ) ହରେକୃଷ୍ଣ ମହତାବ

(ଘ) ପଟ୍ଟାଭି ସୀତାରାମାୟା

୧୩. ୧୯୩୭ ଜୁନ୍ ୨୩ ତାରିଖ ଦିନ କଟକଠାରେ ଅନୁଷ୍ଠିତ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ହରେକୃଷ୍ଣ ମହତାବ

(ଖ) ପଟ୍ଟାଭି ସୀତାରାମାୟା

(ଗ) ଭୁବନାନନ୍ଦ ଦାସ

(ଘ) ସାରଙ୍ଗଧର ଦାସ

୧୪. କେବେ ନୀଳଗିରିରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହେଲା ?

(କ) ୧୯୩୨ (ଖ) ୧୯୩୭

(ଗ) ୧୯୩୮ (ଘ) ୧୯୩୯

୧୫. ଢେଙ୍କାନାଳରେ କେବେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା ?

(କ) ୧୯୨୨ (ଖ) ୧୯୨୮

(ଗ) ୧୯୩୮ (ଘ) ୧୯୩୯

୧୬. ତାଳଚେରରେ କେବଳ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା ?

(କ) ୧୯୩୨ (ଖ) ୧୯୩୭

(ଗ) ୧୯୩୮ (ଘ) ୧୯୩୯

୧୭. କେବେ ଓଡ଼ିଶାର ଗଡ଼ଜାତ ପ୍ରଜାମାନଙ୍କ ଆନ୍ଦୋଳନାତ୍ମକ କାର୍ଯ୍ୟ ଭାରତୀୟ ଜାତୀୟ କଂଗ୍ରେସର ସମର୍ଥନ ଲାଭ କଲା ?

(କ) ୧୯୩୨ (ଖ) ୧୯୩୭

(ଗ) ୧୯୩୮ (ଘ) ୧୯୩୯

୧୮. ୧୯୩୮ ମସିହାରେ ପୁନର୍ଗଠିତ ହୋଇଥିବା ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ଅଧ୍ୟକ୍ଷ କିଏ ଥିଲେ ?

(କ) ଭୁବନାନନ୍ଦ ଦାସ

(ଖ) ସାରଙ୍ଗଧର ଦାସ

(ଗ) ହରେକୃଷ୍ଣ ମହତାବ

(ଘ) ଲାଲ୍‌ମୋହନ ପଟ୍ଟନାୟକ

୧୯. କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?

(କ) ସାରଙ୍ଗଧର ଦାସ

(ଖ) ଭୁବନାନନ୍ଦ ଦାସ

(ଗ) ବଳବନ୍ତ ରାୟ ମେହେଟ୍ଟା

(ଘ) ହରେକୃଷ୍ଣ ମହତାବ

**୨୦. କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିରେ ଅନ୍ତର୍ଭୁକ୍ତ ହୋଇ ନ ଥିଲେ ?**

(କ) ଲାଲମୋହନ ପଟ୍ଟନାୟକ

(ଖ) ସାରଙ୍ଗଧର ଦାସ

(ଗ) ଭୁବନାନନ୍ଦ ଦାସ

(ଘ) ବଳବନ୍ତରାୟ ମେହେଟ୍ଟା

**୨୧. ୧୯୩୯ ମସିହା ଅଗଷ୍ଟ ମାସରେ ଓଡ଼ିଶା ଗଡ଼ଜାତର ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ପାଇଁ ହରେକୃଷ୍ଣ ମହତାବ କାହାକୁ ସାକ୍ଷାତ କରିଥିଲେ ?**

(କ) ସାର୍ ଷ୍ଟାଫୋର୍ଡ କ୍ରିପ୍ସ୍

(ଖ) ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥଗୋ

(ଗ) ଓଡ଼ିଶା ପ୍ରାଦେଶିକ ସରକାର

(ଘ) କ୍ୟାବିନେଟ୍ ମିଶନ

**୨୨. ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ହରେକୃଷ୍ଣ ମହତାବ କେବେ କ୍ୟାବିନେଟ୍ ମିଶନକୁ ସାକ୍ଷାତ କରିଥିଲେ ?**

(କ) ୧୯୪୬ ଏପ୍ରିଲ୍ ୬

(ଖ) ୧୯୪୬ ମେ ୧୦

(ଗ) ୧୯୪୬ ଜୁନ୍ ୨୯

(ଘ) ୧୯୪୭ ଅଗଷ୍ଟ ୧

**୨୩. ଓଡ଼ିଶା ପ୍ରଦେଶରେ ଗଡ଼ଜାତ ରାଜ୍ୟମାନଙ୍କ ମିଶ୍ରଣ ଯୋଜନାକୁ ପଣ୍ଡ କରିବାକୁ ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶଟି ଦେଶୀୟ ରାଜା ଗଠନ କରିଥିବା "ପୂର୍ବାଞ୍ଚଳ ଗଡ଼ଜାତ ସଂଘ" କେବେ କାର୍ଯ୍ୟକ୍ଷମ ହେଲା ?**

(କ) ୧୯୪୬ ମେ ୧୦

(ଖ) ୧୯୪୬ ମେ ୧୦

(ଗ) ୧୯୪୭ ଅଗଷ୍ଟ ୧

(ଘ) ୧୯୪୭ ଅଗଷ୍ଟ ୧୦

**୨୪. କେବେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କ ରାଜାମାନଙ୍କୁ ସମ୍ବଲପୁରରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲେ ?**

(କ) ୧୯୪୭ ଅଗଷ୍ଟ ୧

(ଖ) ୧୯୪୭ ଅଗଷ୍ଟ ୧୦

(ଗ) ୧୯୪୭ ଅକ୍ଟୋବର ୧୬

(ଘ) ୧୯୪୭ ନଭେମ୍ବର ୧୪

**୨୫. ଗଡ଼ଜାତ ରାଜ୍ୟ ନୀଳଗିରିକୁ ଓଡ଼ିଶା ସରକାର କେବେ ଦଖଲ କଲେ ?**

(କ) ୧୯୪୭ ଅକ୍ଟୋବର ୧୬

(ଖ) ୧୯୪୭ ନଭେମ୍ବର ୧୪

(ଗ) ୧୯୪୭ ନଭେମ୍ବର ୨୦

(ଘ) ୧୯୪୭ ଡିସେମ୍ବର ୧୩

**୨୬. କେବେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉପସ୍ଥିତିରେ କଟକ ରାଜଭବନରେ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀ ଆରମ୍ଭ ହୋଇଥିଲା ?**

(କ) ୧୯୪୭ ନଭେମ୍ବର ୨୦

(ଖ) ୧୯୪୭ ଡିସେମ୍ବର ୧୩

(ଗ) ୧୯୪୭ ଡିସେମ୍ବର ୧୪

(ଘ) ୧୯୪୭ ଡିସେମ୍ବର ୧୫

**୨୭. ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପସ୍ଥିତିରେ କଟକଠାରେ ଅନୁଷ୍ଠିତ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀରେ କେଉଁ ଗଡ଼ଜାତମାନଙ୍କ ରାଜାମାନେ ଅନୁପସ୍ଥିତ ଥିଲେ ?**

(କ) ହିନ୍ଦୋଳ, ଖଣ୍ଡପଡ଼ା, ତିଗିରିଆ

(ଖ) ଆଠମଲ୍ଲିକ, ବଣାଇ, ଖରସୁଆଁ

(ଗ) ବଣାଇ, ତିଗିରିଆ, ଆଠମଲ୍ଲିକ

(ଘ) ବଣାଇ, ବଡ଼ମ୍ବା, ତାଳଚେର

**୨୮. ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପସ୍ଥିତିରେ କଟକଠାରେ ଅନୁଷ୍ଠିତ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀରେ କେଉଁ ଗଡ଼ଜାତର ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରି ନ ଥିଲେ ?**

(କ) ବାମଣ୍ଡା (ଖ) କଳାହାଣ୍ଡି

(ଗ) ମୟୂରଭଞ୍ଜ (ଘ) ଷଢେଇକଳା

**୨୯. କେବେ ଭାରତ ସରକାର ଓଡ଼ିଶାର ପଚିଶଟି ଗଡ଼ଜାତର ଶାସନଭାର ଓଡ଼ିଶା ପ୍ରାଦେଶିକ ସରକାରଙ୍କୁ ହସ୍ତାନ୍ତର କଲେ ?**

(କ) ୧୯୪୭ ଡିସେମ୍ବର ୧୫

(ଖ) ୧୯୪୭ ଡିସେମ୍ବର ୨୩

(ଗ) ୧୯୪୮ ଜାନୁୟାରୀ ୧

(ଘ) ୧୯୪୮ ମେ ୧୮

**୩୦. ମୟୂରଭଞ୍ଜର ମହାରଜା କେବେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ?**

(କ) ୧୯୪୮ ଜାନୁଆରୀ ୧

(ଖ) ୧୯୪୮ ମେ ୧୮

(ଗ) ୧୯୪୮ ଅକ୍ଟୋବର ୧୭

(ଘ) ୧୯୪୯ ଜାନୁଆରୀ ୧

**୩୧. ଚୂଡ଼ାନ୍ତ ଭାବେ କେତୋଟି ଗଡ଼ଜାତ ଓଡ଼ିଶାରେ ମିଶିଥିଲା ?**

(କ) ୨୩

(ଖ) ୨୪

(ଗ) ୨୫

(ଘ) ୨୬

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଘ) ୨୬
୨. (କ) ବେଠି
୩. (ଖ) ବେଗାରୀ
୪. (ଘ) ମାଗଣ
୫. (ଘ) ରସଦ
୬. (ଗ) ଭେଟି
୭. (କ) ୧୯୨୨
୮. (ଖ) ଢେଙ୍କାନାଳ
୯. (ଗ) ନୀଳଗିରି
୧୦. (ଖ) ୧୯୩୦
୧୧. (ଗ) ତାଳଚେର
୧୨. (ଖ) ଭୁବନାନନ୍ଦ ଦାସ
୧୩. (ଖ) ପଟ୍ଟାଭି ସୀତାରାମାୟା
୧୪. (ଗ) ୧୯୩୮
୧୫. (ଗ) ୧୯୩୮
୧୬. (ଘ) ୧୯୩୯
୧୭. (ଖ) ୧୯୩୭
୧୮. (ଗ) ହରେକୃଷ୍ଣ ମହତାବ
୧୯. (କ) ସାରଙ୍ଗଧର ଦାସ
୨୦. (ଗ) ଭୁବନାନନ୍ଦ ଦାସ
୨୧. (ଖ) ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥଗୋ
୨୨. (କ) ୧୯୪୬ ଏପ୍ରିଲ୍ ୬
୨୩. (ଗ) ୧୯୪୭ ଅଗଷ୍ଟ ୧
୨୪. (ଗ) ୧୯୪୭ ଅକ୍ଟୋବର ୧୬
୨୫. (ଖ) ୧୯୪୭ ନଭେମ୍ବର ୧୪
୨୬. (ଗ) ୧୯୪୭ ଡିସେମ୍ବର ୧୪
୨୭. (ଗ) ବଣାଇ, ତିଗିରିଆ, ଆଠମଲ୍ଲିକ
୨୮. (ଗ) ମୟୂରଭଞ୍ଜ
୨୯. (ଖ) ୧୯୪୭ ଡିସେମ୍ବର ୨୩
୩୦. (ଗ) ୧୯୪୮ ଅକ୍ଟୋବର ୧୭
୩୧. (ଖ) ୨୪

# ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (କ) ତିନୋଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର।

**୧. ଓଡ଼ିଶା ଗଡ଼ଜାତ ପ୍ରଜା ଆନ୍ଦୋଳନ କେବେ ଓ କେଉଁଠାରେ ଆରମ୍ଭ ହୋଇଥିଲା ଏବଂ କାହିଁକି ?**

**Answer Hints :**

(i) ୧୯୨୨ ରେ ଆରମ୍ଭ

(ii) ଢେଙ୍କାନାଳଠାରେ

(iii) ଗଡ଼ଜାତ ରାଜାଙ୍କ କୁଶାସନ, ଶୋଷଣ ଓ ଅତ୍ୟାଚାର

**୨. ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁ ଦିନ ଓ କେଉଁଠାରେ ଅନୁଷ୍ଠିତ ହୋଇଥିଲା ଏବଂ କିଏ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ?**

**Answer Hints :**

(i) ୧୯୩୧ ଜୁନ୍ ୨୦

(ii) କଟକ

(iii) ଭୁବନାନନ୍ଦ ଦାସ

**୩. ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକଠାରେ କେଉଁ ଦିନ ଅନୁଷ୍ଠିତ ହୋଇଥିଲା ଏବଂ କେଉଁମାନେ ଯଥାକ୍ରମେ ଏହାର ସଭାପତି ଓ ଆବାହକ ଥିଲେ ?**

**Answer Hints :**

(i) ୧୯୨୨ ରେ ଆରମ୍ଭ

(ii) ଢେଙ୍କାନାଳଠାରେ

(iii) ଗଡ଼ଜାତ ରାଜାଙ୍କ କୁଶାସନ, ଶୋଷଣ ଓ ଅତ୍ୟାଚାର

**୪. ୧୯୩୭ ମସିହାରେ ଗଡ଼ଜାତ ପ୍ରଜା ଆନ୍ଦୋଳନ କେଉଁ ସଙ୍ଗଠନର ଲାଭ କରିଥିଲା ଏବଂ ୧୯୩୮ରେ କେଉଁଠାରେ ଓ କାହାର ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା ?**

**Answer Hints :**

(i) ଭାରତୀୟ ଜାତୀୟ କଂଗ୍ରେସ

(ii) ନୀଳଗିରିଠାରେ

(iii) ସାରଙ୍ଗଧର ଦାସଙ୍କ ନେତୃତ୍ୱରେ

**୫. ୧୯୩୮ ମସିହାରେ କାହିଁକି ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ପୁନର୍ଗଠନ କରାଗଲା ଏବଂ କେଉଁମାନେ ଏହି କମିଟିରେ ଯଥାକ୍ରମେ ଅଧକ୍ଷ ଓ ସମ୍ପାଦକ ରହିଲେ ?**

**Answer Hints :**

(i) ଓଡ଼ିଶା ଗଡ଼ଜାତମାନଙ୍କରେ ଶାସନ ବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ କରିବା ପାଇଁ

(ii) ହରେକୃଷ୍ଣ ମହତାବ - ଅଧକ୍ଷ

(iii) ସାରଙ୍ଗଧର ଦାସ - ସମ୍ପାଦକ

**୬. ୧୯୩୯ ମସିହାରେ ପ୍ରକାଶିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ବିବରଣୀରେ କ'ଣ ଉଲ୍ଲେଖ କରାଯାଇଥିଲା ?**

**Answer Hints :**

(i) ଗଡ଼ଜାତମାନଙ୍କରେ କୁଶାସନ

(ii) ପ୍ରଜାମାନଙ୍କ ଦୁଃଖ ଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା

(iii) ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ ପ୍ରତିନିଧିଙ୍କ ପାଖରୁ ଆଣି ଓଡ଼ିଶା ସରକାରଙ୍କ ହସ୍ତରେ ନ୍ୟସ୍ତ କରିବାର ଜରୁରୀ ଆବଶ୍ୟକତା।

**୭. ନୀଳଗିରିରେ ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ଉକ୍ତ ଗଡ଼ଜାତର ରାଜା କ'ଣ ପଦକ୍ଷେପ ନେଇଥିଲେ ?**

**Answer Hints :**

(i) ପୋଲିସ୍ ବାହିନୀରେ ଗୁର୍ଖାମାନଙ୍କୁ ନିଯୁକ୍ତ କରି ଶକ୍ତିଶାଳୀ କରାଗଲା

(ii) ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରଜାମାନଙ୍କ ଘରଦ୍ୱାର ପୋଡ଼ି ସେମାନଙ୍କ ଧନ ସମ୍ପତ୍ତି ଲୁଣ୍ଠନ

(iii) ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ଏହି କାର୍ଯ୍ୟରେ ନିୟୋଜନ

**୮. ନୀଳଗିରି ଗଡ଼ଜାତ କିପରି ଓଡ଼ିଶା ସରକାରଙ୍କ ଅଧୀନକୁ ଆସିଲା ?**

**Answer Hints :**

(i) ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସର୍ଦ୍ଦାର ପଟେଲଙ୍କ ସହିତ ବିଚାର ବିମର୍ଷ ପରେ ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିନେବା ପାଇଁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ

(ii) ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ନୀଳଗିରି ଦଖଲ କାର୍ଯ୍ୟର ପରିଚାଳନା

(iii) ୧୯୪୭ ନଭେମ୍ବର ୧୪ ରେ ଓଡ଼ିଶା ସରକାରଙ୍କ ଦ୍ୱାରା ନୀଳଗିରି ଦଖଲ

**୯. ୧୯୪୩ ଡିସେମ୍ବର ୧୪ରେ କଟକର ରାଜଭବନରେ ଅନୁଷ୍ଠିତ ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀରେ ସର୍ଦ୍ଦାର ପଟେଲ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ପ୍ରଥମେ 'ଖ' ଓ 'ଗ' ଶ୍ରେଣୀର ଗଡ଼ଜାତ ରାଜାଙ୍କୁ କ'ଣ ସ୍ପଷ୍ଟ କରି ଦେଇଥିଲେ ?**

**Answer Hints :**

(i) ଓଡ଼ିଶା ପ୍ରଦେଶ ସହିତ ଏହି ଶ୍ରେଣୀର ଗଡ଼ଜାତମାନଙ୍କୁ ମିଶିଯିବାକୁ ହେବ

(ii) ସେମାନଙ୍କ ହାତପାଣ୍ଠିର ପରିଣାମ ସରକାର ସ୍ଥିର କରିବେ

(iii) ସେମାନଙ୍କୁ ବ୍ୟକ୍ତିଗତ ପଦମର୍ଯ୍ୟାଦା ଓ ସୁବିଧା ସୁଯୋଗ ଦିଆଯିବ

**୧୦. ଓଡ଼ିଶାର ଦୁଇ ଗଡ଼ଜାତ ଷଢ଼େଇକଳା ଓ ଖରସୁଆଁ କିପରି ଓଡ଼ିଶାରେ ମିଶିପାରିଲେ ନାହିଁ ?**

**Answer Hints :**

(i) ଷଢ଼େଇକଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳ ମୟୁରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଉକ୍ତ ଦୁଇ ଗଡ଼ଜାତ ମଧ୍ୟରେ ପ୍ରତ୍ୟେକ୍ଷ ଯୋଗାଯୋଗ ବିଚ୍ଛିନ୍ନ ହେଲା

(ii) ଉକ୍ତ ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କ ପୂର୍ବମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଇଚ୍ଛା ପ୍ରକାଶ କଲେ

(iii) ଭାରତ ସରକାର ୧୯୪୮ ମେ ୧୮ ରୁ ସେହି ଦୁଇ ଗଡ଼ଜାତକୁ ଓଡ଼ିଶାରୁ କାଢ଼ି ନେଇ ବିହାରରେ ମିଶାଇ ଦେଲେ ।

## (ଖ) ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର।

**୧. ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ?**

**Answer Hints :**

(i) ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନ - ବେଠି

(ii) ପର୍ବପର୍ବାଣି ବା ବିବାହ ଆଦି ସମୟରେ ରାଜଉଆସକୁ ପଠାଯାଉଥିବା ଉପହାର - ଭେଟି

**୨. 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ କେଉଁମାନେ କରିଥିଲେ ଏବଂ ଏହା କେଉଁ ଦିନଠାରୁ କାର୍ଯ୍ୟକ୍ଷମ ହୋଇଥିଲା ?**

**Answer Hints :**

(i) ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶ ଜଣ ଦେଶୀୟ ରାଜା

(ii) ୧୯୪୭ ମସିହା ଅଗଷ୍ଟ ୧ ତାରିଖ

**୩. ଗଡ଼ଜାତ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ମୟୁରଭଞ୍ଜର ମହାରାଜା କାହିଁକି କିଛି ଦିନ ସମୟ ନେବାପାଇଁ ଚାହିଁଥିଲେ ?**

**Answer Hints :**

(i) ମୟୁରଭଞ୍ଜରେ ଲୋକ ପ୍ରତିନିଧିମୂଳକ ସରକାର ଗଠିତ ହୋଇଥିଲା।

(ii) ମୟୁରଭଞ୍ଜର ମହାରାଜା ତାଙ୍କ ମନ୍ତ୍ରିମଣ୍ଡଳ ସହିତ ଆଲୋଚନା ନ କରି ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ଉଚିତ ମନେ କଲେନାହିଁ।

**୪. ଭାରତ ସରକାର କେବେ ପଚିଶଟି ଗଡ଼ଜାତର ଶାସନଭାର ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କଲେ ଏବଂ ଉକ୍ତ ଗଡ଼ଜାତଗୁଡ଼ିକ କେଉଁ ଦିନଠାରୁ ଓଡ଼ିଶାରେ ମିଶିଗଲା ?**

**Answer Hints :**

(i) ୧୯୪୭ ମସିହା ଡିସେମ୍ବର ୨୩

(ii) ୧୯୪୮ ମସିହା ଜାନୁୟାରୀ ୧

**୫. ଷଢ଼େଇକଳା ଓ ଖରସୁଆଁ କାହିଁକି ଓଡ଼ିଶାରୁ ବାହାରି ଗଲେ ?**

**Answer Hints :**

(i) ଏହି ଦୁଇ ଗଡ଼ଜାତର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ମୟୁରଭଞ୍ଜ ଓଡ଼ିଶାରେ ମିଶିଲା ନାହିଁ

(ii) ଫଳରେ ଷଢ଼େଇକଳା ଓ ଖରସୁଆଁ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ବ୍ୟାଘାତପ୍ରାପ୍ତ ହେବାରୁ ସେମାନେ ବିହାରରେ ମିଶିବା ପାଇଁ ଚାହିଁଲେ

**୬. ମୟୁରଭଞ୍ଜ ମହାରାଜା କେବେ ଗଡ଼ଜାତ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ଏବଂ କେବେ ମୟୁରଭଞ୍ଜ ଓଡ଼ିଶାରେ ମିଶିଲା ?**

**Answer Hints :**

(i) ୧୯୪୮ ଅକ୍ଟୋବର ୧୭ରେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ

(ii) ୧୯୪୯ ଜାନୁଆରୀ ୧ ତାରିଖରେ ଓଡ଼ିଶାରେ ମିଶ୍ରଣ

**୭. ଓଡ଼ିଶାରେ ଗଡ଼ଜାତ ମିଶ୍ରଣର ତୁରନ୍ତ ଫଳ କ'ଣ ହୋଇଥିଲା ?**

**Answer Hints :**

(i) ଓଡ଼ିଶା ବିଧାନସଭାରେ ସଦସ୍ୟ ସଂଖ୍ୟା ଷାଠିଏରୁ ଏକାନବେକୁ ବୃଦ୍ଧି

(ii) ରାଜ୍ୟର ଜିଲ୍ଲାଗୁଡ଼ିକୁ ପୁନର୍ଗଠିତ କରି ତେରଟି ଜିଲ୍ଲା ସୃଷ୍ଟି ହେଲା

# ଚତୁର୍ଥ ପାଠ

# ସ୍ୱାଧୀନତା ପରବର୍ତ୍ତୀ ଭାରତର ଅର୍ଥନୀତି

## ବହୁବିକଳ୍ପ ପ୍ରଶ୍ନ

୧. କେବେ ଭାରତ ସରକାର ଯୋଜନା ଆୟୋଗ ଗଠନ କଲେ ?

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୬ (ଘ) ୧୯୬୧

୨. ଭାରତରେ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୬ (ଘ) ୧୯୬୧

୩. ଭାରତର ଜାତୀୟ ଉନ୍ନୟନ ପରିଷଦ କେବେ ଗଠିତ ହେଲା ?

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୨ (ଘ) ୧୯୫୬

୪. କେଉଁ କାର୍ଯ୍ୟକାଳ ମଧ୍ୟରେ ତିନୋଟି ବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇଥିଲା ?

(କ) ୧୯୬୧ ରୁ ୧୯୬୬

(ଖ) ୧୯୬୨ ରୁ ୧୯୬୫

(ଗ) ୧୯୬୬ ରୁ ୧୯୬୯

(ଘ) ୧୯୬୯ ରୁ ୧୯୭୪

୫. ଅର୍ଥନୀତିଜ୍ଞ ପ୍ରଫେସର ପି.ସି. ମାହାଲାନୋବିସ୍ କେଉଁ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ।

(କ) ପ୍ରଥମ (ଖ) ଦ୍ୱିତୀୟ

(ଗ) ତୃତୀୟ (ଘ) ଚତୁର୍ଥ

୬. ତୃତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ କେବେ ଶେଷ ହୋଇଥିଲା ?

(କ) ୧୯୬୫ (ଖ) ୧୯୬୬

(ଗ) ୧୯୬୯ (ଘ) ୧୯୭୪

୭. କେବେ ଚଉଦଟି ବ୍ୟାଙ୍କ୍‌କୁ ଜାତୀୟକରଣ କରାଗଲା ?

(କ) ୧୯୬୬ (ଖ) ୧୯୬୯

(ଗ) ୧୯୭୧ (ଘ) ୧୯୭୪

୮. କେଉଁ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ବନ୍ଦ କରିଦିଆଯାଇଥିଲା ?

(କ) ତୃତୀୟ (ଖ) ଚତୁର୍ଥ

(ଗ) ପଞ୍ଚମ (ଘ) ଷଷ୍ଠ

୯. ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

(କ) ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ

(ଖ) ଜାତୀୟ ଆୟ ବୃଦ୍ଧି

(ଗ) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ

(ଘ) ଆର୍ଥନୀତିକ ଆତ୍ମନିର୍ଭରଶୀଳତା

୧୦. କେଉଁ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ଦାରିଦ୍ର୍ୟ ଦୂରୀକରଣ' ?

(କ) ଚତୁର୍ଥ (ଖ) ପଞ୍ଚମ

(ଗ) ଷଷ୍ଠ (ଘ) ସପ୍ତମ

**୧୧. କେଉଁ ଯୋଜନାର କାର୍ଯ୍ୟକାଳ ମଧ୍ୟରେ 'ଜବାହର ରୋଜଗାର ଯୋଜନା' କାର୍ଯ୍ୟକାରୀ ହେଲା ?**

(କ) ତୃତୀୟ (ଖ) ପଞ୍ଚମ

(ଗ) ସପ୍ତମ (ଘ) ଅଷ୍ଟମ

**୧୨. କେଉଁ ଯୋଜନା ପୂର୍ବ ଯୋଜନାକାଳ ଶେଷ ହେବାର ଦୁଇବର୍ଷ ପରେ ଆରମ୍ଭ ହେଲା ?**

(କ) ପଞ୍ଚମ (ଖ) ଷଷ୍ଠ

(ଗ) ଅଷ୍ଟମ (ଘ) ନବମ

**୧୩. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ବାର୍ଷିକ କେତେ ଜାତୀୟ ଆୟ ଅଭିବୃଦ୍ଧି ହାର ପାଇଁ ଲକ୍ଷ୍ୟ ରଖିଥିଲା ?**

(କ) ଶତକଡ଼ା ପାଞ୍ଚ

(ଖ) ଶତକଡ଼ା ପାଞ୍ଚ ଦଶମିକ ଛ

(ଗ) ଶତକଡ଼ା ସାତ ଦଶମିକ ପାଞ୍ଚ

(ଘ) ଶତକନା ଛ ଦଶମିକ ଆଠ

**୧୪. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ଶେଷରେ ବାର୍ଷିକ ଜାତୀୟ ଆୟର ଅଭିବୃଦ୍ଧି ହାର କେତେ ହୋଇଥିଲା ?**

(କ) ଶତକଡ଼ା ୫.୮ (ଖ) ଶତକଡ଼ା ୫.୬

(ଗ) ଶତକଡ଼ା ୬.୮ (ଘ) ଶତକଡ଼ା ୭.୫

**୧୫. ନବମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?**

(କ) ୧୯୯୦ (ଖ) ୧୯୯୨

(ଗ) ୧୯୯୭ (ଘ) ୨୦୦୨

**୧୬. ନବମ ପଞ୍ଚବାର୍ଷିକ ଯୋଜନାରେ ବାର୍ଷିକ ଜାତୀୟ ଆୟର ଅଭିବୃଦ୍ଧି ହାରର ଲକ୍ଷ ଶତକଡ଼ା ୬.୫ ଥିବାବେଳେ ପ୍ରକୃତରେ କେତେ ହାସଲ ହୋଇଥିଲା ?**

(କ) ଶତକଡ଼ା ୫.୫

(ଖ) ଶତକଡ଼ା ୫.୬

(ଗ) ଶତକଡ଼ା ୬.୮

(ଘ) ଶତକଡ଼ା ୭.୫

**୧୭. ଏକବିଂଶ ଶତାବ୍ଦୀର ଆରମ୍ଭରେ କେଉଁ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଥିଲା ?**

(କ) ଅଷ୍ଟମ (ଖ) ନବମ

(ଗ) ଦଶମ (ଘ) ଏକାଦଶ

**୧୮. ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କେବେ ଆରମ୍ଭ ହେଲା ?**

(କ) ୧୯୬୯ (ଖ) ୧୯୭୪

(ଗ) ୧୯୭୮ (ଘ) ୧୯୭୯

**୧୯. ଗ୍ରାମାଞ୍ଚଳ ନାରୀ ଓ ଶିଶୁବିକାଶ ଯୋଜନା କେବେ ଆରମ୍ଭ ହେଲା ?**

(କ) ୧୯୬୯ (ଖ) ୧୯୭୮

(ଗ) ୧୯୯୭ (ଘ) ୧୯୯୯

**୨୦. ୧୯୯୭ ମସିହାରେ କେଉଁ ଯୋଜନା ଆରମ୍ଭ ହୋଇଥିଲା ?**

(କ) ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

(ଖ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

(ଗ) ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା

(ଘ) ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା

**୨୧. ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା କେବେ ଆରମ୍ଭ ହୋଇଥିଲା ?**

(କ) ୧୯୭୮ (ଖ) ୧୯୯୭

(ଗ) ୧୯୯୯ (ଘ) ୨୦୦୦

**୨୨. 'ଇନ୍ଦିରା ଆବାସ ଯୋଜନା' କେଉଁ ମୁଖ୍ୟ ଯୋଜନାର ଏକ ବିଭାଗ ଥିଲା ?**

(କ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

(ଖ) ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା

(ଗ) ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

(ଘ) ଗ୍ରାମାଞ୍ଚଳ ନାରୀ ଓ ଶିଶୁବିକାଶ ଯୋଜନା

**୨୩. କେଉଁ ଯୋଜନା ୨୦୦୦ ମସିହାରେ ଆରମ୍ଭ ହୋଇଥିଲା ?**

(କ) ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା

(ଖ) ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା

(ଗ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

(ଘ) ଜବାହର ରୋଜାଗର ଯୋଜନା

**୨୪. 'ଅନ୍ତ୍ୟୋଦୟ ଅନ୍ନ ଯୋଜନା' କେବେ ଆରମ୍ଭ ହେଲା ?**

(କ) ୧୯୭୮ (ଖ) ୧୯୯୭

(ଗ) ୧୯୯୯ (ଘ) ୨୦୦୦

**୨୫. କେବେ ଭାରତରେ ଏକ ନୂଆ ଶିକ୍ଷାନୀତି ଘୋଷିତ ହେଲା ?**

(କ) ୧୯୫୨

(ଖ) ୧୯୫୬

(ଗ) ୧୯୯୦

(ଘ) ୧୯୯୧

**୨୬. କେବେ ଭାରତରେ ବିମୁକ୍ତ ଓ ଅବାଧ ଅର୍ଥନୀତି ପ୍ରବର୍ତ୍ତିତ ହେଲା ?**

(କ) ୧୯୯୦ (ଖ) ୧୯୯୧

(ଗ) ୧୯୯୨ (ଘ) ୧୯୯୩

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (କ) ୧୯୫୦

୨. (ଖ) ୧୯୫୧

୩. (ଗ) ୧୯୫୨

୪. (ଗ) ୧୯୬୬ ରୁ ୧୯୬୯

୫. (ଖ) ଦ୍ୱିତୀୟ

୬. (ଖ) ୧୯୬୬

୭. (ଖ) ୧୯୬୯

୮. (ଗ) ପଞ୍ଚମ

୯. (ଘ) ଆର୍ଥନୀତିକ ଆତ୍ମନିର୍ଭରଶୀଳତା

୧୦. (ଗ) ଷଷ୍ଠ

୧୧. (ଖ) ପଞ୍ଚମ

୧୨. (ଗ) ଅଷ୍ଟମ

୧୩. (ଖ) ଶତକଡ଼ା ପାଞ୍ଚ ଦଶମିକ ଛ

୧୪. (ଗ) ଶତକଡ଼ା ୬.୮

୧୫. (ଗ) ୧୯୯୭

୧୬. (କ) ଶତକଡ଼ା ୫.୫

୧୭. (ଗ) ଦଶମ

୧୮. (ଗ) ୧୯୭୮

୧୯. (ଖ) ୧୯୭୮

୨୦. (ଘ) ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା

୨୧. (ଗ) ୧୯୯୯

୨୨. (କ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

୨୩. (ଗ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

୨୪. (ଘ) ୨୦୦୦

୨୫. (ଖ) ୧୯୫୬

୨୬. (ଖ) ୧୯୯୧

# ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (କ) ତିନୋଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର।

**୧. ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ପ୍ରମୁଖ ଅର୍ଥନୀତିକ ସମସ୍ୟାଗୁଡ଼ିକ କ'ଣ ଥିଲା ?**

**Answer Hints :**

(i) ପରିବ୍ୟାପ୍ତ ଦାରିଦ୍ର୍ୟ ଓ ନିରକ୍ଷରତା

(ii) ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥା

(iii) ଶିଳ୍ପାୟନ କ୍ଷେତ୍ରରେ ସ୍ଥାଣୁତା ଏବଂ କୁଟୀର ଶିଳ୍ପର ଅଧୋଗତି

**୨. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ ଓ ପ୍ରଧାନ ଉଦ୍ଦେଶ୍ୟ କ'ଣ ଥିଲା ଏବଂ କିଏ ଏହି ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ?**

**Answer Hints :**

(i) ୧୯୫୬ ରୁ ୧୯୬୧

(ii) ଭାରତରେ ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ

(iii) ପ୍ରଫେସର ପି. ସି. ମାହାଲାନୋବିସ୍

**୩. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ଲକ୍ଷ କ'ଣ ଥିଲା ?**

**Answer Hints :**

(i) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ

(ii) ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ

(iii) ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ତାରତମ୍ୟର ହ୍ରାସ

**୪. ସପ୍ତମ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ ଏବଂ ଲକ୍ଷ୍ୟଗୁଡ଼ିକ କ'ଣ ଥିଲା ?**

**Answer Hints :**

(i) ୧୯୮୫ ରୁ ୧୯୯୦

(ii) ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଓ ନିଯୁକ୍ତି ସୁଯୋଗ

(iii) ଆଧୁନିକୀକରଣ, ଆତ୍ମନିର୍ଭରଶୀଳତା, ସାମାଜିକ ନ୍ୟାୟ

**୫. ୨୦୦୦ ମସିହାରେ ଗ୍ରାମ୍ୟ ବିକାଶ ସମ୍ପର୍କିତ କେଉଁ ଯୋଜନା ଆରମ୍ଭ ହେଲା ଏବଂ ଉକ୍ତ ଯୋଜନାର ଦୁଇଟି ବିଭାଗ କ'ଣ ଥିଲା ?**

**Answer Hints :**

(i) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା

(ii) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

(iii) ଇନ୍ଦିରା ଆବାସ ଯୋଜନା

**୬. ଅନ୍ତ୍ୟୋଦୟ ଅନ୍ନ ଯୋଜନାର ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଏହା କିପରି କାର୍ଯ୍ୟକାରୀ ହେଲା ?**

**Answer Hints :**

(i) ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ନିଚ୍ଚିତ କରିବା

(ii) ୨୦୦ ମସିହାରେ ଏହି ଯୋଜନା ମାଧ୍ୟମରେ ପ୍ରାୟ ଏକ କୋଟି ଅତି ଦରିଦ୍ରଲୋକଙ୍କୁ ଚିହ୍ନଟ

(iii) ସେମାନଙ୍କୁ କିଲୋଗ୍ରାମ ପ୍ରତି ୨ ଟଙ୍କାରେ ଗହମ ଓ ୩ ଟଙ୍କା ଦରରେ ଚାଉଳ ମାସକୁ ୩୫ କିଲୋଗ୍ରାମ ଯୋଗାଇବାର ବ୍ୟବସ୍ଥା

## (ଖ) ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

**୧. ଯୋଜନା ଆୟୋଗ କେବେ ଗଠିତ ହୋଇଥିଲା ଏବଂ କିଏ ଏହାର ଚେୟାରମେନ୍ ରହିଥିଲେ ?**

**Answer Hints :**

(i) ୧୯୫୦ ମାର୍ଚ୍ଚ ୧୫

(ii) ପ୍ରଧାନମନ୍ତ୍ରୀ

**୨. ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଏହି ଯୋଜନାରେ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ?**

**Answer Hints :**

(i) ଦାରିଦ୍ର୍ୟ ଦୂରୀକରଣ

(ii) କୃଷି ଓ ଶିଳ୍ପ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା

**୩. ୧୯୭୮ ମସିହାରେ କେଉଁ ଯୋଜନାଗୁଡ଼ିକ ଆରମ୍ଭ ହେଲା ?**

**Answer Hints :**

(i) ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

(ii) ଗ୍ରାମାଞ୍ଚଳ ନାରୀ ଓ ଶିଶୁ ବିକାଶ ଯୋଜନା

**୪. ସ୍ୱାଧୀନତା ପରେ ଭାରତରେ ପ୍ରଚଳିତ 'ମିଶ୍ରିତ ଓ ନିୟନ୍ତ୍ରିତ' ଅର୍ଥନୀତି ଫଳରେ କ'ଣ କରାଯାଇଥିଲା ?**

**Answer Hints :**

(i) ଉଭୟ ଘରୋଇ ଓ ସରକାରୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଯାଉଥିଲା

(ii) କେଉଁ କ୍ଷେତ୍ରରେ କିଏ ଅର୍ଥ ବିନିଯୋଗ କରିବ ତାହା ସ୍ଥିର କରାଯାଉଥିଲା

**୫. ଆର୍ଥନୀତିକ ଉଦାରୀକରଣ ଫଳରେ କ'ଣ ଲାଭ ହେଲା ?**

**Answer Hints :**

(i) ପୂର୍ବରୁ କେବଳ ସରକାରୀ ଉଦ୍ୟୋଗ ପାଇଁ ସଂରକ୍ଷିତ ଥିବା କ୍ଷେତ୍ରରେ ଘରୋଇ କମ୍ପାମାନେ କାର୍ଯ୍ୟ କରିପାରିଲେ ।

(ii) ବ୍ୟାବସାୟିକ ଆଇନରେ ପରିବର୍ତ୍ତନ କରାଯାଇ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଗଲା ।

# ପଞ୍ଚମ ପାଠ

# ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ

## ବହୁବିକଳ୍ପ ପ୍ରଶ୍ନ

**୧. ୧୯୪୭ ମସିହା ଜାନୁଆରୀ ୪ ତାରିଖରେ ଭାରତରେ କେଉଁ ଅନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ?**

(କ) ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ

(ଖ) ଜାତୀୟ ଭୌତିକ ପରୀକ୍ଷାଗାର

(ଗ) ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ

(ଘ) ପରମାଣୁ ଶକ୍ତି ଆୟୋଗ

**୨. ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ କେଉଁଠାରେ ଗଠିତ ହୋଇଥିଲା ?**

(କ) କାନପୁର

(ଖ) ଖଡ଼ଗପୁର

(ଗ) ମୁମ୍ବାଇ

(ଘ) ଚେନ୍ନାଇ

**୩. ମୌଲାନା ଆବୁଲ୍ କାଲାମ୍ ଆଜାଦଙ୍କ ଦ୍ୱାରା ଭାରତର ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନ କେବେ ଆରମ୍ଭ ହୋଇଥିଲା ?**

(କ) ୧୯୪୬ (ଖ) ୧୯୪୭

(ଗ) ୧୯୪୮ (ଘ) ୧୯୫୧

**୪. ଭାରତରେ କେନ୍ଦ୍ର ସରକାରଙ୍କ ଅଧୀନରେ କେବେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରାଳୟ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହୋଇଥିଲା ?**

(କ) ୧୯୭୧ (ଖ) ୧୯୭୩

(ଗ) ୧୯୭୪ (ଘ) ୧୯୭୫

**୫. କେଉଁ ସଂସ୍ଥା ୧୯୭୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ?**

(କ) ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ

(ଖ) ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ

(ଗ) ବିଜ୍ଞାନ ଓ ବୈଷୟିକ ମନ୍ତ୍ରାଳୟ

(ଘ) ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍

**୬. କେବେ ଭାରତରେ ପରମାଣୁ ଶକ୍ତି ଆୟୋଗ ଗଠିତ ହୋଇଥିଲା ?**

(କ) ୧୯୪୭ (ଖ) ୧୯୪୮

(ଗ) ୧୯୫୪ (ଘ) ୧୯୫୬

**୭. ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧ୍ୟକ୍ଷଭାବେ କିଏ ନିଯୁକ୍ତ ହୋଇଥିଲେ ?**

(କ) ଜବାହରଲାଲ ନେହେରୁ

(ଖ) ମୌଲାନା ଆବୁଲ କାଲାମ୍ ଆଜାଦ

(ଗ) ହୋମି ଜାହାଙ୍ଗୀର ଭାବା

(ଘ) ବିକ୍ରମ ସାରାଭାଇ

**୮. ଭାରତରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ କେବେ ଖୋଲା ଯାଇଥିଲା ?**

(କ) ୧୯୪୮ (ଖ) ୧୯୫୪

(ଗ) ୧୯୫୬ (ଘ) ୧୯୭୧

**୯. କେବେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠିତ ହୋଇଥିଲା ?**

(କ) ୧୯୫୧ (ଖ) ୧୯୫୪

(ଗ) ୧୯୫୬ (ଘ) ୧୯୫୮

**୧୦. କେଉଁଠାରେ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲା ?**

(କ) ଇନ୍ଦୋର (ଖ) ବମ୍ବେ

(ଗ) ଶ୍ରୀହରିକୋଟା (ଘ) ଟ୍ରମ୍ବେ

**୧୧. କେଉଁଗୋଟି ଭାବା ଆଣବିକ ଗବେଷଣା କେନ୍ଦ୍ର ଅଧୀନରେ କାର୍ଯ୍ୟକ୍ଷମ ହୋଇଥିବା ଏକ ରିଆକ୍ଟର ନୁହେଁ ?**

(କ) ଅପ୍‌ସରା (ଖ) ଆକାଶ

(ଗ) ଧ୍ରୁବ (ଘ) ଜେରେଲିନା

**୧୨. କେବେ ଇନ୍ଦୋରଠାରେ ଉନ୍ନତ ବୈଷୟିକ କେନ୍ଦ୍ର ପ୍ରତିଷ୍ଠିତ ହେଲା ?**

(କ) ୧୯୭୯ (ଖ) ୧୯୮୧

(ଗ) ୧୯୮୩ (ଘ) ୧୯୮୪

**୧୩. ଭାରତ କେବେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କଲା ?**

(କ) ୧୯୭୪ ମେ ୧୮

(ଖ) ୧୯୭୯ ଜୁନ୍ ୭

(ଗ) ୧୯୯୮ ମେ ୧୧

(ଘ) ୧୯୯୮ ମେ ୧୩

**୧୪. ଭାରତ କେଉଁଠାରେ ଦ୍ୱିତୀୟଥର ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କରିଥିଲା ?**

(କ) ଟ୍ରମ୍ବେ (ଖ) ଇନ୍ଦୋର

(ଗ) ପୋଖରନ୍ (ଘ) ଚାନ୍ଦିପୁର

**୧୫. କେବେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ ଗଠିତ ହେଲା ?**

(କ) ୧୯୫୪ (ଖ) ୧୯୫୬

(ଗ) ୧୯୫୮ (ଘ) ୧୯୬୨

**୧୬. କେବେ ଭାରତରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା ?**

(କ) ୧୯୫୮ (ଖ) ୧୯୬୨

(ଗ) ୧୯୭୨ (ଘ) ୧୯୮୩

**୧୭. କେଉଁଗୋଟି ଏକ କ୍ଷେପଣାସ୍ତ୍ର ନୁହେଁ ?**

(କ) ଧନୁଶ

(ଖ) ସର୍କସ

(ଗ) ଆକାଶ

(ଘ) ବ୍ରହ୍ମୋସ

**୧୮. ଭାରତୀୟ ମହାକାଶ ଗବେଷଣା ସଂଗଠନ କେବେ ପ୍ରତିଷ୍ଠିତ ହେଲା ?**

(କ) ୧୯୬୨ (ଖ) ୧୯୬୩

(ଗ) ୧୯୬୯ (ଘ) ୧୯୭୨

**୧୯. ୧୯୭୨ ମସିହାରେ କେଉଁ ସଂଗଠନ ପ୍ରତିଷ୍ଠିତ ହୋଇଥିଲା ?**

(କ) ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ

(ଖ) ପରମାଣୁ ଶକ୍ତି ଆୟୋଗ

(ଗ) ଭାରତୀୟ ମହାକାଶ ଗବେଷଣା ସଂଗଠନ

(ଘ) ମହାକାଶ ଆୟୋଗ

**୨୦. କେଉଁଠାରେ ୧୯୬୩ ମସିହାରେ ଏକ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ?**

(କ) ଥୁମ୍ବେ

(ଖ) ଶ୍ରୀହରିକୋଟା

(ଗ) ଚାନ୍ଦିପୁର

(ଘ) ଥିରୁବନନ୍ତପୁରମ୍

**୨୧. ଶ୍ରୀହରିକୋଟାଠାରେ କେଉଁ କେନ୍ଦ୍ର ଅବସ୍ଥିତ ?**

(କ) କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର

(ଖ) ଉପଗ୍ରହ ପ୍ରେରଣ କେନ୍ଦ୍ର

(ଗ) ଥୁମ୍ବା ବିଷୁବୀୟ ରକେଟ୍ ଉତ୍କ୍ଷେପଣ

(ଘ) ଉପଗ୍ରହ ଯୋଗାଯୋଗ କେନ୍ଦ୍ର

**୨୨. ଉପଗ୍ରହ ଯୋଗାଯୋଗ କେନ୍ଦ୍ର କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?**

(କ) ଇନ୍ଦୋର (ଖ) ଆର୍‌ଭି

(ଗ) ଶ୍ରୀହରିକୋଟା (ଘ) ଥିରୁବନନ୍ତପୁରମ୍

**୨୩. କେବେ ଭାରତ ନିର୍ମିତ ପ୍ରଥମ କୃତ୍ରିମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ମହାକାଶକୁ ପ୍ରେରଣ କରାଗଲା ?**

(କ) ୧୯୭୪ ମେ ୧୮

(ଖ) ୧୯୭୫ ଏପ୍ରିଲ୍ ୧୯

(ଗ) ୧୯୭୯ ଜୁନ୍ ୭

(ଘ) ୧୯୮୧ ଜୁନ୍ ୧୯

**୨୪. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହର ନାମ କ'ଣ ?**

(କ) ଭାସ୍କର ପ୍ରଥମ (ଖ) ଆର୍ଯ୍ୟଭଟ୍ଟ

(ଗ) ଆପଲ୍ (ଘ) ଅପ୍‌ସରା

## ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଖ) ଜାତୀୟ ଭୌତିକ ପରୀକ୍ଷାଗାର

୨. (ଖ) ଖଡ଼ଗପୁର

୩. (ଘ) ୧୯୫୧

୪. (କ) ୧୯୭୧

୫. (ଘ) ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍

୬. (ଖ) ୧୯୪୮

୭. (ଗ) ହୋମି ଜାହାଙ୍ଗୀର ଭାବା

୮. (ଖ) ୧୯୫୪

୯. (ଗ) ୧୯୫୬

୧୦. (ଘ) ଟ୍ରମ୍ବେ

୧୧. (ଖ) ଆକାଶ

୧୨. (ଘ) ୧୯୮୪

୧୩. (କ) ୧୯୭୪ ମେ ୧୮

୧୪. (ଗ) ପୋଖରନ୍

୧୫. (ଗ) ୧୯୫୮

୧୬. (ଘ) ୧୯୮୩

୧୭. (ଖ) ସର୍କସ

୧୮. (ଗ) ୧୯୬୯

୧୯. (ଘ) ମହାକାଶ ଆୟୋଗ

୨୦. (ଘ) ଥିରୁବନନ୍ତପୁରମ୍

୨୧. (ଖ) ଉପଗ୍ରହ ପ୍ରେରଣ କେନ୍ଦ୍ର

୨୨. (ଖ) ଆର୍‌ଭି

୨୩. (ଖ) ୧୯୭୫ ଏପ୍ରିଲ୍ ୧୯

୨୪. (ଗ) ଆପଲ୍

# ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (କ) ତିନୋଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର।

**୧. ଭାରତୀୟ ବୈଷୟିକ ଅନୁଷ୍ଠାନଗୁଡ଼ିକ କେଉଁ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଗଠନ କରାଯିବା ପାଇଁ ପ୍ରସ୍ତାବିତ ହୋଇଥିଲା ଏବଂ ଖଡ଼୍‌ଗପୁରରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ କେବେ ଓ କାହାଦ୍ୱାରା ଶୁଭାରମ୍ଭ ହୋଇଥିଲା ?**

**Answer Hints :**

(i) ଆମେରିକାର ମାଶାଚୁଟେସ୍ ବୈଷୟିକ ଶିକ୍ଷାନୁଷ୍ଠାନ

(ii) ୧୯୫୧ ଅଗଷ୍ଟ ୧୮

(iii) ଭାରତର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ୍ ଆଜାଦ

**୨. ପରମାଣୁ ଶକ୍ତି ସମ୍ପର୍କରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ମତ କ'ଣ ଥିଲା ?**

**Answer Hints :**

(i) ଏହା ସାମାଜିକ, ଆର୍ଥନୀତିକ ଓ ରାଜନୀତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ

(ii) ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ

(iii) ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ପରମାଣୁ ଶକ୍ତିର ବିନିଯୋଗ

**୩. ପରମାଣୁ ଶକ୍ତିର ବିକାଶ ପାଇଁ କ'ଣ କରାଗଲା ?**

**Answer Hints :**

(i) ୧୯୪୮ ମସିହାରେ ପରମାଣୁ ଶକ୍ତି ଆୟୋଗ ଗଠନ

(ii) ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗର ସୃଷ୍ଟି

(iii) ୧୯୫୬ ମସିହାରେ ଟ୍ରମ୍ବେଠାରେ ପ୍ରଥମ ଆଣବିକ ରିଆକ୍ଟର ଓ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା

**୪. ୧୯୬୨ ମସିହାରେ ମହାକାଶ ଗବେଷଣା ପାଇଁ ଜାତୀୟ ସମିତି ଗଠନ କରାଯିବା ପରେ ଏ କ୍ଷେତ୍ରରେ ଉନ୍ନତି ପାଇଁ କେଉଁ ଅନୁଷ୍ଠାନଗୁଡ଼ିକ ପ୍ରତିଷ୍ଠିତ ହୋଇଛି ?**

**Answer Hints :**

(i) ୧୯୬୯ ରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ

(ii) ୧୯୭୨ ମହାକାଶ ଆୟୋଗ

(iii) ବିକ୍ରମ ସରାଭାଇ ମହାକାଶ କେନ୍ଦ୍ର

**୫. ଦେଶରେ ଉପଲବ୍ଧ ଜ୍ଞାନ କୌଶଳକୁ ଉପଯୋଗ କରି ଭାରତରେ କିପରି ବୈପ୍ଳବିକ ପରିବର୍ତ୍ତନ ଅଣାଯାଇ ପାରିଛି ?**

**Answer Hints :**

(i) ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବନଶୀଳତା

(ii) ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା

(iii) ଶକ୍ତି ଓ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନ କୌଶଳ ପ୍ରୟୋଗରେ ଦୃଢ଼ତା

## (ଖ) ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୨ ନମ୍ବର।

**୧. କେବେ ଭାରତର ପ୍ରଥମ ଜାତୀୟ ପରୀକ୍ଷାଗାରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା ଏବଂ ଏହାର ନାମ କ'ଣ ଦିଆଯାଇଥିଲା ?**

**Answer Hints :**

(i) ୧୯୪୭ ମସିହା ଜାନୁୟାରୀ ୪

(ii) ଜାତୀୟ ଭୌତିକ ପରୀକ୍ଷାଗାର

**୨. ୧୯୪୮ ମସିହାରେ ପରମାଣୁ ଶକ୍ତି ସମ୍ପର୍କିତ କେଉଁ ଅନୁଷ୍ଠାନ ଗଠନ କରାଯାଇଥିଲା ଏବଂ କିଏ ଏହାର ପ୍ରଥମ ଅଧ୍ୟକ୍ଷ ଥିଲେ ?**

**Answer Hints :**

(i) ପରମାଣୁ ଶକ୍ତି ଆୟୋଗ

(ii) ବିଶିଷ୍ଟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା

**୩. ଭାରତ କେଉଁଠାରେ ଏବଂ କେବେ ପରମାଣୁ ବୋମାର ପରୀକ୍ଷଣ କରିଛି ?**

**Answer Hints :**

(i) ପ୍ରଥମ ଥର - ରାଜସ୍ଥାନର ପୋଖରାନ୍ - ୧୯୭୪ ମେ' ୧୮

(ii) ଦ୍ୱିତୀୟ ଥର- ରାଜସ୍ଥାନର ପୋଖରାନ୍ - ୧୯୯୮ ମେ' ୧୧ ଓ ୧୩

**୪. ୧୯୫୮ ମସିହାରେ କେଉଁ ଗବେଷଣା ସଙ୍ଗଠନ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?**

**Answer Hints :**

(i) ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ

(ii) ଦେଶର ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ଦୃଢ଼ କରିବା

**୫. ୧୯୬୩ ମସିହାରେ କେଉଁଠାରେ ଏକ ରକେଟ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ?**

**Answer Hints :**

(i) କେରଳର ଥିରୁବନନ୍ତପୁରମ୍

(ii) ଥୁମ୍ବା ବିଷୁବୀୟ ରକେଟ ଉତ୍କ୍ଷେପଣ କେନ୍ଦ୍ର

**୬. ଶ୍ରୀହରିକୋଟା ଓ ଆର୍‌ଭିଠାରେ ଯଥାକ୍ରମେ କେଉଁ ମହାକାଶ ସମ୍ପର୍କିତ କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠିତ ହୋଇଛି ?**

**Answer Hints :**

(i) ଶ୍ରୀହରିକୋଟା - ଉପଗ୍ରହ ପ୍ରେରଣ କେନ୍ଦ୍ର

(ii) ଆର୍‌ଭି - ଉପଗ୍ରହ ଯୋଗାଯୋଗ କେନ୍ଦ୍ର

**୭. ଭାରତ ତିଆରି ପ୍ରଥମ ଓ ଦ୍ୱିତୀୟ କୃତ୍ରିମ ଉପଗ୍ରହଗୁଡ଼ିକର ନାମ କ'ଣ ଥିଲା ଏବଂ ସେଗୁଡ଼ିକ ଯଥାକ୍ରମେ କେବେ ପ୍ରେରଣ କରାଯାଇଥିଲା ?**

**Answer Hints :**

(i) ପ୍ରଥମ ଉପଗ୍ରହ - 'ଆର୍ଯ୍ୟଭଟ୍ଟ' - ୧୯୭୫ ଏପ୍ରିଲ୍ ୧୯

(ii) ଦ୍ୱିତୀୟ ଉପଗ୍ରହ - 'ଭାସ୍କର ପ୍ରଥମ' - ୧୯୭୬ ଜୁନ୍ ୭

**ଚତୁର୍ଥ ଅଧ୍ୟାୟ**

# ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ

## ପ୍ରଥମ ପାଠ

## ସାମାଜିକ ବିକାଶ

### ବହୁବିକଳ୍ପ ପ୍ରଶ୍ନ

**୧. କ'ଣ ଆଦିବାସୀ ଅଞ୍ଚଳରେ ଗୋଡ଼ି ଭଳି ଅମାନୁଷିକ ପ୍ରଥାକୁ ଇନ୍ଧନ ଯୋଗାଇଥିଲା ?**

(କ) ପୋଡୁଚାଷ

(ଖ) ଗ୍ରାମ୍ୟ ମହାଜନୀ ପ୍ରଥା

(ଗ) ଅପରାଧୀ ଜନଜାତି ଆଇନ୍

(ଘ) ଅଣ ଆଦିବାସୀଙ୍କ ଦ୍ୱାରା ଆଦିବାସୀଙ୍କ ଜମି ଜବର ଦଖଲ

**୨. କେବେ ଅପରାଧୀ ଜନଜାତି ଆଇନ୍‌କୁ ରଦ୍ଦ କରି ଦିଆଯାଇଥିଲା ?**

(କ) ୧୯୪୬ (ଖ) ୧୯୪୭

(ଗ) ୧୯୪୮ (ଘ) ୧୯୪୯

**୩. ଆଦିବାସୀମାନଙ୍କ ଜମିକୁ କୌଣସି ଆଳରେ ଜବର ଦଖଲରୁ ଅଣଆଦିବାସୀମାନଙ୍କୁ ନିବୃତ୍ତ କରିବା ପାଇଁ କେବେ ଆଇନ ପ୍ରଣୟନ କରାଯାଇଥିଲା ?**

(କ) ୧୯୪୬ (ଖ) ୧୯୪୭

(ଗ) ୧୯୪୮ (ଘ) ୧୯୪୯

**୪. ମନ୍ଦିରରେ ପ୍ରବେଶ କରିବାକୁ ବାରଣ କରା ଯାଉଥିବା ଦଳିତମାନଙ୍କ ପାଇଁ କେବେ ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ୍ ପ୍ରଣୀତ ହୋଇଥିଲା ?**

(କ) ୧୯୪୬ (ଖ) ୧୯୪୭

(ଗ) ୧୯୪୮ (ଘ) ୧୯୪୯

**୫. କେଉଁ ବ୍ୟବସ୍ଥା ଗ୍ରହଣ କରିବା ଫଳରେ ଅସ୍ପୃଶ୍ୟତା ଭଳି କଳଙ୍କିତ ପ୍ରଥା କ୍ରମଶଃ ଅପସାରିତ ହୋଇଥିଲା ?**

(କ) ମହାଜନମାନଙ୍କ ଋଣ କାରବାରକୁ ନିୟନ୍ତ୍ରଣ

(ଖ) ଗୋତିପ୍ରଥା ଉଚ୍ଛେଦ ନିୟମକୁ କଡ଼ାକଡ଼ି ଭାବରେ ପାଳନ

(ଗ) ଅପରାଧୀ ଜନଜାତି ଆଇନ ରଦ୍ଦକରଣ

(ଘ) ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ୍

**୬. 'ୟଜ୍' କ'ଣ ?**

(କ) ଏକ ଜନଜାତି

(ଖ) ଏକ ଭୟଙ୍କର ବ୍ୟାଧି

(ଗ) ଏକ ସାମାଜିକ ପ୍ରଥା

(ଘ) ପୋଡୁଚାଷ

**୭. କେଉଁ ଯୋଜନା ୨୦୦୫ ମସିହାରୁ ଆରମ୍ଭ ହୋଇଛି ?**

(କ) ସମ୍ପୂର୍ଣ୍ଣ ଗ୍ରାମ ସ୍ୱରୋଜଗାର ଯୋଜନା

(ଖ) ଜବାହର ଗ୍ରାମ ସମୃଦ୍ଧି ଯୋଜନା

(ଗ) ନିଶ୍ଚିତ ରୋଜଗାର ଯୋଜନା

(ଘ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

୮. କେଉଁ ଯୋଜନା ଫଳରେ ଗ୍ରାମାଞ୍ଚଳରେ ବିଜୁଳି ସଡ଼କ ଓ ପାଣିର ପର୍ଯ୍ୟାପ୍ତ ବ୍ୟବସ୍ଥା ପାଇଁ ଉଦ୍ୟମ କରାଯାଉଛି ?

(କ) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା
(ଖ) ଜବାହର ଗ୍ରାମ ସମୃଦ୍ଧି ଯୋଜନା
(ଗ) ଗୋପବନ୍ଧୁ ଗ୍ରାମୀଣ ଯୋଜନା
(ଘ) ବିଜୁ ଗ୍ରାମ ଜ୍ୟୋତି ଯୋଜନା

୯. 'ମିଶନ ଶକ୍ତି' କାହା ସହିତ ସଂପୃକ୍ତ ?

(କ) ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ
(ଖ) ଗ୍ରାମାଞ୍ଚଳର ବିକାଶ
(ଗ) ଶିଶୁ ବିକାଶ
(ଘ) ମହିଳା ବିକାଶ

୧୦. 'ମିଶନ ଶକ୍ତି' ଯୋଜନା କେବେ ଆରମ୍ଭ ହେଲା ?

(କ) ମାର୍ଚ୍ଚ ୮, ୨୦୦୧
(ଖ) ଜାନୁଆରୀ ୧, ୨୦୦୮
(ଗ) ଏପ୍ରିଲ୍ ୧, ୨୦୦୮
(ଘ) ମାର୍ଚ୍ଚ ୫, ୨୦୧୩

୧୧. କେବେଠାରୁ ମଧୁବାବୁ ପେନସନ୍ ଯୋଜନା କାର୍ଯ୍ୟକାରୀ କରୁଛି ?

(କ) ମାର୍ଚ୍ଚ ୮, ୨୦୦୧
(ଖ) ଜାନୁଆରୀ ୧, ୨୦୦୮
(ଗ) ଏପ୍ରିଲ୍ ୧, ୨୦୦୮
(ଘ) ମାର୍ଚ୍ଚ ୫, ୨୦୧୩

୧୨. ୨୦୦୮ ମସିହା ଏପ୍ରିଲ୍ ୧ ତାରିଖରୁ କେଉଁ ଯୋଜନା ପ୍ରବର୍ତ୍ତିତ ହୋଇଛି ?

(କ) ଜାତୀୟ ମାତୃତ୍ୱ ହିତକାରୀ ଯୋଜନା
(ଖ) ଜାତୀୟ ପରିବାର ହିତ ଯୋଜନା
(ଗ) ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା
(ଘ) ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନା

୧୩. ଓଡ଼ିଶାରେ ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା କେବେଠାରୁ ପ୍ରବର୍ତ୍ତନ କରାଯାଇଛି ?

(କ) ମାର୍ଚ୍ଚ ୮, ୨୦୦୧
(ଖ) ଜାନୁଆରୀ ୧, ୨୦୦୮
(ଗ) ଏପ୍ରିଲ୍ ୧, ୨୦୦୮
(ଘ) ମାର୍ଚ୍ଚ ୫, ୨୦୧୩

୧୪. ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

(କ) ମହିଳା ସଶକ୍ତି କରଣ
(ଖ) ଶିଶୁମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ
(ଗ) ଶିଶୁମାନଙ୍କୁ ଶିକ୍ଷାଦାନ
(ଘ) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ

୧୫. କେଉଁଟି ସାମାଜିକ ନିରାପତ୍ତା ସମ୍ପର୍କିତ ଯୋଜନା ନୁହେଁ ?

(କ) ଇନ୍ଦିରା ଆବାସ ଯୋଜନା
(ଖ) ମଧୁବାବୁ ପେନ୍‌ସନ ଯୋଜନା
(ଖ) ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମେଡିକାଲ ଚିକିତ୍ସାର ବ୍ୟବସ୍ଥା କରି ଜୀବନ ବଞ୍ଚାଇବା

(ଗ) ଦୁର୍ଘଟଣାସ୍ଥଳରୁ ହସ୍‌ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଡକାଇବା

(ଘ) ଦୁର୍ଘଟଣା ଘଟାଇଥିବା ଗାଡ଼ିର ନମ୍ବର ଆଦି ପୋଲିସକୁ ତୁରନ୍ତ ଜଣାଇବା

**୧୫. ଗୁଡ୍ ସାମାରିଟାନ ନୀତି ଅନୁସାରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ହସ୍‌ପିଟାଲ ପହଞ୍ଚାଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ସୁବିଧାଗୁଡ଼ିକ ମଧ୍ୟରେ କେଉଁଟି ଭୁଲ ଲେଖାଯାଇଛି ?**

(କ) ପୋଲିସ କିମ୍ବା ଡାକ୍ତରଙ୍କୁ ନିଜ ପରିଚୟ ଦେବା ବାଧ୍ୟତାମୂଳକ ନୁହେଁ

(ଖ) ପ୍ରୋତ୍ସାହନ ରାଶୀ ପ୍ରଦାନ

(ଗ) ପୁରସ୍କାର ପ୍ରାପ୍ତି ପାଇଁ ନିଜର ପରିଚୟପତ୍ର ସହିତ ଉଦ୍ଦିଷ୍ଟ ଫର୍ମରେ ଆବେଦନ

(ଘ) ପୋଲିସଙ୍କ ପ୍ରଶ୍ନର ପରିସର ଭୁକ୍ତ

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

୧. (ଗ) ଯାନ୍ତ୍ରିକ ତ୍ରୁଟି

୨. (ଘ) ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି

୩. (ଖ) ଅଦୃଶ୍ୟମାନ ଟ୍ରାଫିକ୍ ସଙ୍କେତ

୪. (ଘ) ରାସ୍ତା ପାର୍ଶ୍ୱରେ ସ୍କୁଲ କଲେଜର ଅବସ୍ଥିତି

୫. (ଘ) ଯାନବାହନର ବିବିଧ ପ୍ରକାର ଭେଦ

୬. (କ) ମାନବୀୟ ତ୍ରୁଟି

୭. (ଖ) ସଚେତନତା

୮. (ଖ) ଚାଳକର ମେଡ଼ିକାଲ ଫିଟ୍‌ନେସ୍

୯. (ଗ) ରାସ୍ତା ପାର ହେବା ସମୟରେ ପ୍ରଥମେ ଡାହାଣକୁ ତା'ପରେ ବାମକୁ ଏବଂ ପୁନର୍ବାର ଡାହାଣକୁ ଚାହିଁବା ଆବଶ୍ୟକ

୧୦. (ଗ) ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା

୧୧. (ଘ) ହିଟ୍ ଏଣ୍ଡ୍ ରନ୍ ମୋଟରଯାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଏବଂ ଆହତ ବ୍ୟକ୍ତିଙ୍କୁ ସହାୟତା

୧୨. (ଘ) ଆର୍ଥିକ ଦଣ୍ଡ ସହିତ ଜେଲଦଣ୍ଡ

୧୩. (ଖ) ୨୦୧୮

୧୪. (ଖ) ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମେଡିକାଲ ଚିକିତ୍ସାର ବ୍ୟବସ୍ଥା କରି ଜୀବନ ବଞ୍ଚାଇବା

୧୫. (ଘ) ପୋଲିସଙ୍କ ପ୍ରଶ୍ନର ପରିସର ଭୁକ୍ତ

## ଚତୁର୍ଥ ଅଧ୍ୟାୟ

# ଭାରତର ବୈଦେଶିକ ନୀତି

## ଦ୍ୱିତୀୟ ପାଠ

## ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର

### ବହୁବିକଳ୍ପ ପ୍ରଶ୍ନ

### (କ) ଭାରତ ଓ ପାକିସ୍ତାନ

୧. କେଉଁ ଦୁଇ ଦେଶ ମଧ୍ୟରେ ତାସକେଣ୍ଟ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?
(କ) ଭାରତ ଓ ଚୀନ
(ଖ) ପାକିସ୍ତାନ ଓ ଚୀନ
(ଗ) ପାକିସ୍ତାନ ଓ ଭାରତ
(ଘ) ପାକିସ୍ତାନ ଓ ସୋଭିଏତ୍ ଋଷ

୨. ତାସ୍‌କେଣ୍ଟ ଶାନ୍ତି ଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ?
(କ) ୧୯୬୨ (ଖ) ୧୯୬୩
(ଗ) ୧୯୬୫ (ଘ) ୧୯୬୬

୩. କେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସିମ୍‌ଲା ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?
(କ) ୧୯୬୩ (ଖ) ୧୯୬୫
(ଗ) ୧୯୭୧ (ଘ) ୧୯୭୨

୪. କେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ରେଖାକୁ ପୁନଃ ନିର୍ଦ୍ଧାରଣ କରି ବର୍ତ୍ତମାନର 'ନିୟନ୍ତ୍ରଣ ରେଖା' ସ୍ବୀକୃତ ହୋଇଥିଲା ?
(କ) ୧୯୬୫ (ଖ) ୧୯୭୧
(ଗ) ୧୯୭୨ (ଘ) ୧୯୮୯

୫. କେବେ ପାକିସ୍ତାନର ସହାୟତାରେ 'ଜାମ୍ମୁ ଓ କାଶ୍ମୀର ମୁକ୍ତି ସଙ୍ଗଠନ' ନାମକ ଏକ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଜନ୍ମ ନେଲା ?
(କ) ୧୯୭୨ (ଖ) ୧୯୮୯
(ଗ) ୧୯୯୮ (ଘ) ୧୯୯୯

୬. କେବେ ପାକିସ୍ତାନ ଚଘାଇ ପର୍ବତଠାରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?
(କ) ୧୯୭୨ (ଖ) ୧୯୮୯
(ଗ) ୧୯୯୮ (ଘ) ୧୯୯୯

୭. ପାକିସ୍ତାନ ସହିତ ସମ୍ପର୍କରେ ଉନ୍ନତି ଆଣିବା ପାଇଁ କେବେ ଭାରତର ବାଜପେୟୀ ସରକାର ଉଭୟ ଦେଶ ମଧ୍ୟରେ ବସ ଚଳାଚଳ ପାଇଁ ନିଷ୍ପତ୍ତି ନେଇଥିଲେ ?
(କ) ୧୯୭୨ (ଖ) ୧୯୮୯
(ଗ) ୧୯୯୮ (ଘ) ୧୯୯୯

୮. କେବେ ଭାରତ ଓ ପାକିସ୍ତାନ ମଧ୍ୟରେ କାର୍‌ଗିଲ୍ ଯୁଦ୍ଧ ସଂଘଟିତ ହୋଇଥିଲା ?
(କ) ୧୯୭୧ (ଖ) ୧୯୮୯
(ଗ) ୧୯୯୮ (ଘ) ୧୯୯୯

୯. କେବେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ସହିତ ଆଲୋଚନା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଆତଙ୍କବାଦୀମାନଙ୍କୁ କାରଗିଲ୍‌ରୁ ହଟିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ?
(କ) ୧୯୭୨ (ଖ) ୧୯୮୯
(ଗ) ୧୯୯୮ (ଘ) ୧୯୯୯

**୧୦. କେଉଁ ଦେଶର ରାଷ୍ଟ୍ରପତିଙ୍କ ସହିତ ଆଲୋଚନା ଫଳରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଆତଙ୍କବାଦୀମାନଙ୍କୁ କାରଗିଲ୍‌ରୁ ହଟିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ?**

(କ) ସୋଭିଏତ୍ ଋଷିଆ

(ଖ) ଚୀନ୍

(ଗ) ଯୁକ୍ତରାଷ୍ଟ୍ର ଆମେରିକା

(ଘ) ଭାରତ

## (ଖ) ଭାରତ ଓ ଚୀନ

**୧. କେବେ ଏସୀୟ ସମ୍ପର୍କ ସମ୍ମିଳନୀରେ ଚୀନର ଚିଆଙ୍ଗ-କାଇ-ସେକଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ଭାରତର ସ୍ୱୀକୃତିପ୍ରାପ୍ତ ତିବ୍ବତୀୟ ପ୍ରତିନିଧି ଦଳକୁ ବିରୋଧ କରିଥିଲେ ?**

(କ) ୧୮୯୦ (ଖ) ୧୯୧୧

(ଗ) ୧୯୪୭ (ଘ) ୧୯୪୯

**୨. କେବେ ଚୀନ୍‌ରେ କ୍ୟୁମିନ୍‌ଟାଙ୍ଗ ସରକାର କ୍ଷମତା ହରାଇବା ପରେ ଭାରତ ଚୀନ୍‌ର କମ୍ୟୁନିଷ୍ଟ ସରକାରଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲା ?**

(କ) ୧୯୪୭ (ଖ) ୧୯୪୯

(ଗ) ୧୯୫୦ (ଘ) ୧୯୫୪

**୩. କେଉଁ ଘଟଣାକୁ ଭାରତ ବିରୋଧ କରିବା ଫଳରେ ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ?**

(କ) ସ୍ୱାଧୀନ ରାଷ୍ଟ୍ର ତିବ୍ବତକୁ ଚୀନ୍‌ର ଦଖଲ

(ଖ) ବ୍ରିଟିଶ ସରକାରଙ୍କଦ୍ୱାରା ଚୀନ୍ ସହିତ ଚୁକ୍ତି ସ୍ୱାକ୍ଷର ଏବଂ ଭାରତ ଓ ତବ୍ବତ ମଧ୍ୟରେ ସୀମା ନିର୍ଦ୍ଧାରଣ

(ଗ) ଡକ୍ଟର ସନ୍-ୟାତ୍-ସେନ୍‌ଙ୍କ ନେତୃତ୍ୱରେ ଚୀନ୍‌ରେ ବିପ୍ଳବ

(ଘ) ୧୯୫୦ ମସିହାରେ ଚୀନ୍‌ର ତିବ୍ବତ ଅଧିକାର

**୪. କେବେ ଭାରତ ଓ ଚୀନ୍ ମଧ୍ୟରେ ପଞ୍ଚଶୀଳ ନୀତି ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୫୦ (ଖ) ୧୯୫୪

(ଗ) ୧୯୫୫ (ଘ) ୧୯୫୯

**୫. ପଞ୍ଚଶୀଳ ନୀତି କେବେ ବାନ୍ଦୁଙ୍ଗ ସମ୍ମିଳନୀରେ ଗୃହୀତ ହୋଇଥିଲା ?**

(କ) ୧୯୫୪ (ଖ) ୧୯୫୫

(ଗ) ୧୯୫୯ (ଘ) ୧୯୬୨

**୬. କେଉଁ ମସିହା ଜୁଲାଇ ମାସରେ ଚୀନ୍ ସୈନ୍ୟମାନେ ଖୁର୍‌ନାକରୁ କେତେକ ଭାରତୀୟ ସୈନ୍ୟଙ୍କୁ ବନ୍ଦୀ କରି ଅକ୍ଟୋବର ମାସରେ ନଅଜଣ ଭାରତୀୟ ସୈନ୍ୟଙ୍କୁ ହତ୍ୟା କରିଥିଲେ ?**

(କ) ୧୯୫୪ (ଖ) ୧୯୫୫

(ଗ) ୧୯୫୯ (ଘ) ୧୯୬୨

**୭. କେବେ ଚୀନ୍‌ର ଭାରତ ଆକ୍ରମଣ ସଂଘଟିତ ହୋଇଥିଲା ?**

(କ) ୧୯୫୦ (ଖ) ୧୯୫୪

(ଗ) ୧୯୫୯ (ଘ) ୧୯୬୨

**୮. ଚୀନ୍‌ର ଭାରତ ଆକ୍ରମଣ ପରେ କେଉଁ ଦେଶ ଚୀନ୍ ଓ ଭାରତ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲା ?**

(କ) ଋଷିଆ (ଖ) ତିବ୍ବତ

(ଗ) ବ୍ରିଟେନ୍ (ଘ) ଶ୍ରୀଲଙ୍କା

**୯. ଭାରତ ଓ ଚୀନ୍ ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦେବାକୁ କେବେ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୬୨ (ଖ) ୧୯୯୩

(ଗ) ୧୯୯୫ (ଘ) ୨୦୦୨

**୧୦. କେବେ ଭାରତ ଓ ଚୀନ୍ ମଧ୍ୟରେ 'ଶାନ୍ତି ଓ ସ୍ଥିରତା'ର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୬୨ (ଖ) ୧୯୯୩

(ଗ) ୧୯୯୫ (ଘ) ୨୦୦୨

**୧୧. ଚୀନ୍ ରାଷ୍ଟ୍ରପତି ଝୁ-ରୋଙ୍ଗଜୀ କେବେ ଭାରତ ଗସ୍ତରେ ଆସିଥିଲେ ?**

(କ) ୧୯୬୨ (ଖ) ୧୯୯୩

(ଗ) ୧୯୯୫ (ଘ) ୨୦୦୨

**୧୨. କେବେ ଭାରତର ମହାକାଶ ଆୟୋଗ ଓ ଚୀନ୍‌ର ମହାକାଶ ଶିଳ୍ପ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୬୨ (ଖ) ୧୯୯୩

(ଗ) ୧୯୯୫ (ଘ) ୨୦୦୨

## (ଗ) ଭାରତ ଓ ଶ୍ରୀଲଙ୍କା

**୧. ଶ୍ରୀଲଙ୍କାର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?**

(କ) ସାର୍ ଜନ୍ କୋଟେଲାୱାଲା

(ଖ) ଏସ୍.ଡବ୍ଲ୍ୟୁ.ଆର୍.ଡି. ବନ୍ଦରନାୟକେ

(ଗ) ଡି.ଏସ୍. ସେନାନାୟକେ

(ଘ) ଶିରିମାଭୋ ବନ୍ଦରନାୟକେ

**୨. ଭାରତ-ଚୀନ୍ ଯୁଦ୍ଧ ପରେ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରିବା ପାଇଁ ଶ୍ରୀଲଙ୍କାର କେଉଁ ପ୍ରଧାନମନ୍ତ୍ରୀ ଉଦ୍ୟମ କରିଥିଲେ ?**

(କ) ଏସ୍. ଡବ୍ଲ୍ୟୁ. ଆର୍. ଡି. ବନ୍ଦରନାୟକେ

(ଖ) ଶିରିମାଭୋ ବନ୍ଦରନାୟକେ

(ଗ) ଡି.ଏସ୍. ସେନାନାୟକେ

(ଘ) ସାର୍ ଜନ୍. କୋଟେଲାୱାଲା

**୩. ସ୍ୱାଧୀନତା ପରେ ଭାରତର ଶ୍ରୀଲଙ୍କା ସହିତ ମତାନ୍ତର ପାଇଁ ପ୍ରଥମ ଓ ମୁଖ୍ୟ ଘଟଣା କ'ଣ ଥିଲା ?**

(କ) କଚ୍ଛତିଭୁ ଦ୍ୱୀପ ସମ୍ପର୍କରେ କନ୍ଦଳ

(ଖ) ଶ୍ରୀଲଙ୍କାରେ ବାମପନ୍ଥୀ ଆନ୍ଦୋଳନ

(ଗ) ବଙ୍ଗଳାଦେଶ ଜନ୍ମ ସମ୍ପର୍କରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟ ତିକ୍ତତା ସମୟରେ ଶ୍ରୀଲଙ୍କାର ନିରପେକ୍ଷତା

(ଘ) ଶ୍ରୀଲଙ୍କାବାସୀମାନଙ୍କର ଏକ ଅଲଗା ଦେଶ ଗଠନ ପାଇଁ ଦାବୀ

**୪. ଶ୍ରୀଲଙ୍କାରେ ତାମିଲମାନଙ୍କ ଦାବୀ ଉପସ୍ଥାପନ କରିବା ପାଇଁ କିଏ ଫେଡେରାଲ ଦଳ ଗଠନ କରିଥିଲେ ?**

(କ) ପ୍ରଭାକରନ୍

(ଖ) ଏସ୍. ଜେ. ଭି. ଚଲଭନାୟକମ୍

(ଗ) ଅମୃତ ଲିଙ୍ଗମ୍

(ଘ) ଉମା ମହେଶ୍ୱରନ

**୫. କାହାର ନେତୃତ୍ୱ ସମୟରେ ଶ୍ରୀଲଙ୍କାରେ 'ଫେଡେରାଲ ଦଳ' 'ତାମିଲ୍ ୟୁନାଇଟେଡ ଲିବରେସନ ଫ୍ରଣ୍ଟ'ରେ ପରିବର୍ତ୍ତିତ ହେଲା ?**

(କ) ଉମା ମହେଶ୍ୱରନ୍

(ଖ) ପ୍ରଭାକରନ୍

(ଗ) ଏସ୍.ଜେ.ଭି. ଚଲଭନାୟକମ୍

(ଘ) ଅମୃତଲିଙ୍ଗମ୍

**୬. ବର୍ଣ୍ଣଗତ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ କୋଟେଲାୱାଲାଙ୍କ ମଧ୍ୟରେ କେବେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୫୦ (ଖ) ୧୯୫୩

(ଗ) ୧୯୬୪ (ଘ) ୧୯୭୧

**୭. ୧୯୬୪ ମସିହାରେ ରାଷ୍ଟ୍ରବିହୀନ ଲୋକମାନଙ୍କ ସମସ୍ୟାକୁ ନେଇ ଶ୍ରୀଲଙ୍କାର କେଉଁ ପ୍ରଧାନମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସହିତ ଏକ ରାଜିନାମା ସ୍ୱାକ୍ଷର କରିଥିଲେ ?**

(କ) ଶିରିମାଭୋ ବନ୍ଦରନାୟକେ

(ଖ) କୋଟେଲାୱାଲା

(ଗ) ଡି.ଏସ୍. ସେନାନାୟକେ

(ଘ) ଏସ୍. ଡବ୍ଲ୍ୟୁ. ଆର୍. ଡି. ବନ୍ଦରନାୟକେ

**୮. କେବେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାମୁଦ୍ରିକ ଜଳସୀମା ସମ୍ପର୍କିତ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୬୪ (ଖ) ୧୯୭୧

(ଗ) ୧୯୭୪ (ଘ) ୧୯୭୫

**୯. ଭାରତ ଓ ଶ୍ରୀଲଙ୍କାର ଯଥାକ୍ରମେ କେଉଁ ନେତାଦ୍ୱୟ ସାମୁଦ୍ରିକ ଜଳସୀମା ପ୍ରସଙ୍ଗରେ ଏକ ରାଜିନାମା ସମ୍ପାଦନ କରିଥିଲେ ?**

(କ) ଲାଲ୍‌ବାହାଦୁର ଶାସ୍ତ୍ରୀ ଓ ଶିରିମାଭୋ ବନ୍ଦରନାୟକେ

(ଖ) ଜବାହରଲାଲ ନେହେରୁ ଓ କୋଯେଲାୱାଲା

(ଗ) ଇନ୍ଦିରାଗାନ୍ଧୀ ଓ ଜୟବର୍ଦ୍ଧନେ

(ଘ) ଇନ୍ଦିରାଗାନ୍ଧୀ ଓ ଶିରିମାଭୋ ବନ୍ଦନାୟକେ

**୧୦. କେବେ ବାମପନ୍ଥୀ ଆନ୍ଦୋଳନ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା ?**

(କ) ୧୯୭୧ (ଖ) ୧୯୭୪

(ଗ) ୧୯୭୫ (ଘ) ୧୯୮୩

**୧୧. ୧୯୭୧ ମସିହାରେ ଭାରତର କେଉଁ ଦେଶ ସହିତ ସ୍ୱାକ୍ଷରିତ ଚୁକ୍ତିକୁ ଶ୍ରୀଲଙ୍କାର କିଛି ଗୋଷ୍ଠୀ ସମାଲୋଚନା କରିଥିଲେ ?**

(କ) ପାକିସ୍ତାନ (ଖ) ସୋଭିଏତ ରୁଷିଆ

(ଗ) ବଙ୍ଗଳାଦେଶ (ଘ) ଚୀନ୍

**୧୨. କେଉଁ ପ୍ରସଙ୍ଗରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୧୯୭୫ ମସିହାରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?**

(କ) ପକ୍ ପ୍ରଣାଳୀରେ ଅବସ୍ଥିତ କଚ୍ଛତିଭୁ ଦ୍ୱୀପ

(ଖ) ତାମିଲ ରାଷ୍ଟ୍ର ଗଠନ

(ଗ) ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ସହଯୋଗ

(ଘ) ବାମପନ୍ଥୀ ଆନ୍ଦୋଳନଜନିତ ଅସ୍ଥିରତା

**୧୩. କେବେ ଶ୍ରୀଲଙ୍କାରେ ତାମିଲ ଓ ସିଂହଳୀଙ୍କ ମଧ୍ୟରେ କନ୍ଦଳ ଉଗ୍ରରୂପ ଧାରଣା କଲା ?**

(କ) ୧୯୮୩ (ଖ) ୧୯୮୬

(ଗ) ୧୯୮୭ (ଘ) ୧୯୮୮

**୧୪. ଶ୍ରୀଲଙ୍କାର ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ କେବେ ଏକ ସ୍ୱତନ୍ତ୍ର ତାମିଲ୍ ରାଷ୍ଟ୍ର ଦାବୀ କରିଥିଲା ?**

(କ) ୧୯୮୩ (ଖ) ୧୯୮୬

(ଗ) ୧୯୮୭ (ଘ) ୧୯୮୮

**୧୫. ଶ୍ରୀଲଙ୍କାରେ କିଏ 'ତାମିଲ ବ୍ୟାଘ୍ର' ନେତା ଭାବେ ପରିଚିତ ଥିଲେ ?**

(କ) ଅମୃତଲିଙ୍ଗମ୍ (ଖ) ପ୍ରଭାକରନ୍

(ଗ) ଜୟବର୍ଦ୍ଧନେ (ଘ) ଚଲଭନାୟକମ

**୧୬. ଶ୍ରୀଲଙ୍କାରେ ତାମିଲ୍ ଉଗ୍ରପନ୍ଥୀମାନଙ୍କୁ ଭାରତ ପ୍ରୋତ୍ସାହିତ କରୁଛି ବୋଲି କିଏ ଅଭିଯୋଗ କରିଥିଲେ ?**

(କ) ଶିରିମାଭୋ ବନ୍ଦରନାୟକେ

(ଖ) ଅମୃତଲିଙ୍ଗମ୍

(ଗ) ଚନ୍ଦ୍ରିକା କୁମାରତୁଙ୍ଗ

(ଘ) ଜୟବର୍ଦ୍ଧନ

**୧୭. ୧୯୮୩ ମସିହାରୁ ୧୯୮୬ ମଧ୍ୟରେ ପ୍ରାୟ ୨୫୦୦୦ ତାମିଲ୍ ଶରଣାର୍ଥୀ ଭାରତକୁ ଆସିବାପରେ ଶ୍ରୀଲଙ୍କାରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ କାହା ସହିତ ଆଲୋଚନା କରିଥିଲେ ?**

(କ) ପ୍ରଭାକରନ୍

(ଖ) ଜୟବର୍ଦ୍ଧନେ

(ଗ) ଉମା ମହେଶ୍ୱରନ

(ଘ) ଶିରିମୋଭୋ ବନ୍ଦରନାୟକେ

**୧୮. କାହା ନେତୃତ୍ୱରେ ଶ୍ରୀଲଙ୍କାର ଏକ ପ୍ରତିନିଧିଦଳ ଭାରତରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଥିଲେ ?**

(କ) ଚନ୍ଦ୍ରିକା କୁମାରତୁଙ୍ଗ

(ଖ) ପ୍ରଭାକରନ୍

(ଗ) ଅମୃତଲିଙ୍ଗମ୍

(ଘ) ଉମା ମହେଶ୍ୱରନ୍

**୧୯. କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ 'ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ' ପଠାଯାଇଥିଲା ?**

(କ) ଇନ୍ଦିରାଗାନ୍ଧୀ

(ଖ) ରାଜୀବ ଗାନ୍ଧୀ

(ଗ) ଲାଲ୍ ବାହାଦୁର ଶାସ୍ତ୍ରୀ

(ଘ) ଜବାହରଲାଲ୍ ନେହେରୁ

**୨୦. ଶ୍ରୀଲଙ୍କାକୁ 'ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ' ପଠାଇବା ପାଇଁ ରାଜିନାମା କେବେ ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୮୬

(ଖ) ୧୯୮୭

(ଗ) ୧୯୮୮

(ଘ) ୧୯୯୧

**୨୧. ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଚନ୍ଦ୍ରିକା କୁମାରତୁଙ୍ଗ କେବେ ଭାରତଗସ୍ତରେ ଆସିଥିଲେ ?**

(କ) ୧୯୮୭

(ଖ) ୧୯୯୧

(ଗ) ୧୯୯୪

(ଘ) ୧୯୯୫

**୨୨. ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଚନ୍ଦ୍ରିକା କୁମାରତୁଙ୍ଗଙ୍କ ଭାରତ ଗସ୍ତ ସମୟରେ କେଉଁ ବିଷୟରେ ଆଲୋଚନା କରାଯାଇଥିଲା ?**

(କ) ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ

(ଖ) ବର୍ଣ୍ଣବୈଷମ୍ୟଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ

(ଗ) ଶ୍ରୀଲଙ୍କାରେ ଉଗ୍ରବାଦୀ ତାମିଲ୍‌ମାନଙ୍କ ଆନ୍ଦୋଳନ

(ଘ) ମାନବ ଅଧିକାର କ୍ଷୁର୍ଣ୍ଣ ହେବା ପ୍ରସଙ୍ଗରେ ଶ୍ରୀଲଙ୍କା ବିରୁଦ୍ଧରେ ଭାରତର ଅଭିଯୋଗ

**୨୩. ଚନ୍ଦ୍ରିକା କୁମାରତୁଙ୍ଗଙ୍କ ସମୟରେ କେଉଁ ସଙ୍ଗଠନ ଶ୍ରୀଲଙ୍କା ସରକାରଙ୍କ ବିରୋଧରେ ଆନ୍ଦୋଳନ ଚଳାଇଥିଲେ ?**

(କ) ତାମିଲ ୟୁନାଇଟେଡ ଲିବରେସନ ଫ୍ରଣ୍ଟ

(ଖ) ଫେଡେରାଲ ଦଳ

(ଗ) ତାମିଲ ଇଲମ୍ ଲିବରେସନ ଟାଇଗରସ୍

(ଘ) ତାମିଲ୍ ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ ଉଗ୍ରବାଦୀ

## (ଘ) ଭାରତ ଓ ନେପାଳ

**୧. କିଏ ଘୋଷଣା କରିଥିଲେ "ଆମେ ନେପାଳର ସ୍ୱାଧୀନତା ଚାହୁଁ ଏବଂ ତତ୍‌ସହିତ ଭାରତର ନିରାପତ୍ତା ମଧ୍ୟ ଅକ୍ଷୁଣ୍ଣ ରଖିବୁ।"**

(କ) ଲାଲ୍ ବାହାଦୁର ଶାସ୍ତ୍ରୀ

(ଖ) ଇନ୍ଦିରାଗାନ୍ଧୀ

(ଗ) ମୋରାରଜୀ ଦେଶାଇ

(ଘ) ଜବାହରଲାଲ ନେହେରୁ

**୨. କେବେ ଭାରତ ଓ ନେପାଳ ମଧ୍ୟରେ ଶାନ୍ତି ଓ ବନ୍ଧୁତାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୪ (ଘ) ୧୯୫୫

**୩. ୧୯୫୦ ମସିହା ଜୁଲାଇ ୩୧ ତାରିଖରେ ଭାରତ ଓ ନେପାଳ ମଧ୍ୟରେ କେଉଁ ପ୍ରକାରର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(କ) ଶାନ୍ତି ଓ ବନ୍ଧୁତାର ଚୁକ୍ତି

(ଖ) ଆର୍ଥନୀତିକ ସହାୟତା ଚୁକ୍ତି

(ଗ) ବାଣିଜ୍ୟିକ ଚୁକ୍ତି

(ଘ) ଗମନାଗମନ କ୍ଷେତ୍ରରେ ସହଯୋଗର ଚୁକ୍ତି

**୪. କେବେ ନେପାଳ ସଂଯୁକ୍ତ ରାଷ୍ଟ୍ର ସଂଘର ସଦସ୍ୟତା ପାଇଁ ଭାରତର ସମର୍ଥନ ଲାଭ କରିଥିଲା ?**

(କ) ୧୯୫୦ (ଖ) ୧୯୫୧

(ଗ) ୧୯୫୪ (ଘ) ୧୯୫୫

**୫. ନେପାଳ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ହେବା ସମୟରେ କିଏ ନେପାଳର ରାଜା ଥିଲେ ?**

(କ) ରାଜା ବୀରେନ୍ଦ୍ର (ଖ) ରାଜା ମହେନ୍ଦ୍ର

(ଗ) ରାଜା ତ୍ରିଭୁବନ (ଘ) ରାଜା ଜ୍ଞାନେନ୍ଦ୍ର

**୬. କାହାର ଚୀନ ପ୍ରତି ସମର୍ଥନ ଓ ଋଉ-ଏନ୍-ଲାଇଙ୍କ ସହିତ ଘନିଷ୍ଠତା ଫଳରେ ଭାରତ କ୍ଷୁବ୍‌ଧ ହୋଇଥିଲା ?**

(କ) ରାଜା ତ୍ରିଭୁବନ

(ଖ) ରାଜା ଜ୍ଞାନେନ୍ଦ୍ର

(ଗ) ପ୍ରଧାନମନ୍ତ୍ରୀ ଟି.ପି. ଆର୍ଯ୍ୟ

(ଘ) ରାଜା ବୀରେନ୍ଦ୍ର

**୭. ଚୀନ ପ୍ରତି ସମର୍ଥନ ଜଣାଇ କେଉଁ ରାଜାଙ୍କ ଦ୍ୱାରା କାଠମାଣ୍ଡୁ ଓ ଲାସା ମଧ୍ୟରେ ଏକ ସଡ଼କ ନିର୍ମାଣ ପାଇଁ ସ୍ୱାକ୍ଷରିତ ରାଜିନାମାକୁ ଭାରତ ବିରୋଧ କରିଥିଲା ?**

(କ) ରାଜା ବୀରେନ୍ଦ୍ର

(ଖ) ପ୍ରଧାନମନ୍ତ୍ରୀ ଟି.ପି. ଆର୍ଯ୍ୟ

(ଗ) ରାଜା ମହେନ୍ଦ୍ର

(ଘ) ରାଜା ଜ୍ଞାନେନ୍ଦ୍ର

**୮. କିଏ ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ନେପାଳର ରାଜା ଏକ ୧୩ ଦିନିଆ ଗସ୍ତରେ ଭାରତ ଆସିଥିଲେ ?**

(କ) ଇନ୍ଦିରାଗାନ୍ଧୀ

(ଖ) ଲାଲ୍‌ବାହାଦୁର ଶାସ୍ତ୍ରୀ

(ଗ) ଜବାହରଲାଲ ନେହେରୁ

(ଘ) ମୋରାରଜୀ ଦେଶାଇ

**୯. କିଏ ୧୯୬୪ ମସିହାରେ ନେପାଳ ଗସ୍ତରେ ଯାଇ ନେପାଳକୁ ଆର୍ଥନୀତିକ ସହାୟତା ଯୋଗାଇବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ ?**

(କ) ଡକ୍ଟର ରାଧାକ୍ରିଷ୍ଣନ

(ଖ) ଲାଲ୍ ବାହାଦୁର ଶାସ୍ତ୍ରୀ

(ଗ) ମୋରାରଜୀ ଦେଶାଇ

(ଘ) ସର୍ଦ୍ଦାର ସ୍ୱରଣ ସିଂ

**୧୦. କେବେ ଭାରତ ଓ ନେପାଳ ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇ ଉଭୟ ଦେଶ ପାଇଁ ଏକ 'ସାଧାରଣ ବଜାର' ସୃଷ୍ଟି ହାଇଥିଲା ?**

(କ) ୧୯୬୧ (ଖ) ୧୯୬୪

(ଗ) ୧୯୭୭ (ଘ) ୧୯୮୦

**୧୧. କେଉଁ ରାଜାଙ୍କ ଦ୍ୱାରା ନେପାଳକୁ ଏକ ଶାନ୍ତିର ଅଞ୍ଚଳ ଭାବେ ଘୋଷଣାକୁ ଭାରତ ଗ୍ରହଣ କରି ନ ଥିଲା ?**

(କ) ରାଜା ବୀରେନ୍ଦ୍ର (ଖ) ରାଜା ମହେନ୍ଦ୍ର

(ଗ) ରାଜା ଜ୍ଞାନେନ୍ଦ୍ର (ଘ) ରାଜା ତ୍ରିଭୁବନ

**୧୨. ନେପାଳକୁ ଏକ 'ଶାନ୍ତିର ଅଞ୍ଚଳ' ଭାବେ ଘୋଷଣାକୁ ଭାରତ ଗ୍ରହଣ ନ କରିବାର କାରଣ କ'ଣ ଥିଲା ?**

(କ) ନେପାଳର ଚୀନ୍ ପ୍ରତି ସମର୍ଥନ

(ଖ) ନେପାଳ କଂଗ୍ରେସର ବିତାଡ଼ିତ ସଦସ୍ୟଙ୍କ ଭାରତ ଆଗମନ

(ଗ) ପ୍ରଧାନମନ୍ତ୍ରୀ ଟି. ପି. ଆର୍ଯ୍ୟଙ୍କ ଚୀନ୍‌ର ଋଉ-ଏନ-ଲାଇଙ୍କ ସହିତ ଘନିଷ୍ଠତା

(ଘ) ଘୋଷଣାରେ ଅନ୍ତର୍ଭୁକ୍ତ କେତେକ ଭାରତ ବିରୋଧୀ ସର୍ତ୍ତ

**୧୩. କିଏ ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତ ଓ ନେପାଳ ମଧ୍ୟରେ ଦୁଇଟି ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(କ) ଇନ୍ଦିରା ଗାନ୍ଧୀ

(ଖ) ମୋରାରଜୀ ଦେଶାଇ

(ଗ) ଲାଲ୍ ବାହାଦୂର ଶାସ୍ତ୍ରୀ

(ଘ) ଜବାହରଲାଲ୍ ନେହେରୁ

**୧୪. କେବେ ଉଭୟ ଭାରତ ଓ ନେପାଳ ସାର୍କ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ଥିଲେ ?**

(କ) ୧୯୭୭ (ଖ) ୧୯୮୦
(ଗ) ୧୯୮୫ (ଘ) ୧୯୯୦

**୧୫. ୧୯୯୦ ମସିହା ଅପ୍ରେଲ ମାସ ୮ ତାରିଖରେ ନେପାଳରେ କେଉଁ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ?**

(କ) ଏକଛତ୍ରବାଦୀ ରାଜତନ୍ତ୍ରର ଅବସାନ
(ଖ) ନିର୍ବାଚିତ ସାଂସଦ ଭଙ୍ଗ
(ଗ) ଗଣତନ୍ତ୍ରର ବିଜୟ
(ଘ) ସମ୍ବିଧାନ ପ୍ରଣୟନ ସଭା ଗଠନ

**୧୬. କିଏ ନେପାଳର ନିର୍ବାଚିତ ସଂସଦକୁ ୨୦୦୫ ମସିହାରେ ଭାଙ୍ଗି ଦେଇଥିଲେ ?**

(କ) ରାଜା ତ୍ରିଭୁବନ (ଖ) ରାଜା ବୀରେନ୍ଦ୍ର
(ଗ) ରାଜା ମହେନ୍ଦ୍ର (ଘ) ରାଜା ଜ୍ଞାନେନ୍ଦ୍ର

**୧୭. କେଉଁ ଘଟଣା ପରେ ଭାରତ ସହିତ ନେପାଳର ଘନିଷ୍ଠତା ବୃଦ୍ଧି ପାଇଲା ?**

(କ) ରାଜା ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ନେପାଳର ନିର୍ବାଚିତ ସଂସଦ ଭଙ୍ଗ
(ଖ) ନେପାଳର ସମ୍ବିଧାନ ପ୍ରଣୟନ ସଭା ଗଠନ
(ଗ) ବହୁଦଳୀୟ ଗଣତନ୍ତ୍ର ପ୍ରତିଷ୍ଠା
(ଘ) ନେପାଳରେ ଭାରତ ବିରୋଧୀ ଶକ୍ତିମାନଙ୍କ ଦମନରେ ଭାରତର ସଫଳତା

**୧୮. କେବେ ନେପାଳରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା ?**

(କ) ୧୯୮୦ (ଖ) ୧୯୮୫
(ଗ) ୧୯୯୦ (ଘ) ୧୯୯୧

**୧୯. କେବେ ନେପାଳ ଓ ଭାରତ ମଧ୍ୟରେ ଚାରିଗୋଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୭୭ (ଖ) ୧୯୮୦
(ଗ) ୧୯୯୦ (ଘ) ୧୯୯୧

## (ଡ) ଭାରତ ଓ ଭୁଟାନ

**୧. କେବେ ଭାରତ ଓ ଭୁଟାନ୍ ମଧ୍ୟରେ 'ବନ୍ଧୁତ୍ୱର ସନ୍ଧି' ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୪୯ (ଖ) ୧୯୬୮
(ଗ) ୧୯୭୦ (ଘ) ୧୯୭୪

**୨. ଭାରତ ଓ ଭୁଟାନ ମଧ୍ୟରେ ସ୍ୱାକ୍ଷରିତ ବନ୍ଧୁତ୍ୱର ସନ୍ଧି କେବେ ପରିମାର୍ଜିତ ଓ ସମୟୋପଯୋଗୀ କରାଯାଇଥିଲା ?**

(କ) ୨୦୦୭ (ଖ) ୨୦୦୯
(ଗ) ୨୦୧୦ (ଘ) ୨୦୧୧

**୩. କେବେ ଭୁଟାନର ରାଜଧାନୀ ଥିମ୍ପୁଠାରେ ଜଣେ ଆବାସିକ ପ୍ରତିନିଧି ନିଯୁକ୍ତ ହେବା ପରେ କେବେ ଭାରତ ଓ ଭୁଟାନ ମଧ୍ୟରେ କୂଟନୈତିକ ସମ୍ପର୍କ ଆରମ୍ଭ ହେଲା ?**

(କ) ୧୯୪୯ (ଖ) ୧୯୫୮
(ଗ) ୧୯୬୮ (ଘ) ୧୯୭୦

**୪. ଭାରତର ରାଷ୍ଟ୍ରପତି ରାମସ୍ୱାମୀ ଭେଙ୍କଟ ରମଣ କେବେ ଭୁଟାନ ଗସ୍ତ କରିଥିଲେ ?**

(କ) ୧୯୭୦ (ଖ) ୧୯୭୪
(ଗ) ୧୯୮୮ (ଘ) ୨୦୦୮

**୫. ଭାରତର ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ୍ କେବେ ଭୁଟାନ ଗସ୍ତ କରିଥିଲେ ?**

(କ) ୧୯୭୦ (ଖ) ୧୯୭୪
(ଗ) ୧୯୮୮ (ଘ) ୨୦୦୮

**୬. କେବେ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଭୁଟାନ ଗସ୍ତ ହୋଇଥିଲା ?**

(କ) ୧୯୪୯ (ଖ) ୧୯୫୮
(ଗ) ୧୯୬୮ (ଘ) ୧୯୭୦

**୭. ୨୦୧୦ ମସିହା ପର୍ଯ୍ୟନ୍ତ ଭାରତର କେଉଁ ପ୍ରଧାନମନ୍ତ୍ରୀ ଭୁଟାନକୁ ଦୁଇଥର ଗସ୍ତ କରିଥିଲେ ?**

(କ) ରାଜୀବ ଗାନ୍ଧୀ

(ଖ) ଜବାହରଲାଲ ନେହେରୁ

(ଗ) ଇନ୍ଦିରା ଗାନ୍ଧୀ

(ଘ) ମନମୋହନ ସିଂହ

**୮. ପ୍ରଧାନମନ୍ତ୍ରୀ ମନମୋହନ ସିଂହ କେବେ ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀରେ ଯୋଗ ଦେବାପାଇଁ ଭୁଟାନ ଯାଇଥିଲେ ?**

(କ) ୧୯୮୮ (ଖ) ୨୦୦୮

(ଗ) ୨୦୧୦ (ଘ) ୨୦୧୧

**୯. ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଚେନ ଜିଗ୍‌ମୀ ୱାଇ ଥିନ୍‌ଲେ ଭାରତର ନୂତନ ସରକାରଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ କେବେ ଭାରତ ଆସିଥିଲେ ?**

(କ) ୨୦୦୮ (ଖ) ୨୦୦୯

(ଗ) ୨୦୧୦ (ଘ) ୨୦୧୧

**୧୦. ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଁଚେନ୍ ଜିଗ୍‌ମୀ ୱାଇ ଥିନ୍‌ରେ କେବେ ବୃଦ୍ଧଗୟା ଗସ୍ତ କରିଥିଲେ ?**

(କ) ୨୦୦୮ (ଖ) ୨୦୦୯

(ଗ) ୨୦୧୦ (ଘ) ୨୦୧୧

**୧୧. ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଚେନ ଜିଗ୍‌ମୀ ୱାଇ ଥିନ୍‌ଲେ କେବେ କୋଲକାତା ଗସ୍ତ କରିଥିଲେ ?**

(କ) ୨୦୦୮ (ଖ) ୨୦୦୯

(ଗ) ୨୦୧୦ (ଘ) ୨୦୧୧

**୧୨. ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଚେନ୍ ଜିଗ୍‌ମୀ ୱାଇଁ ଥିନ୍‌ଲେକରେ ୨୦୧୧ ମସିହାରେ ଭାରତକୁ ଦ୍ୱିତୀୟ ଗସ୍ତର ଉଦ୍ଦେଶ୍ୟ କ’ଣ ଥିଲା ?**

(କ) କଲିକତା ଗସ୍ତ

(ଖ) ନୂତନ ସରକାରଙ୍କୁ ସମ୍ବର୍ଦ୍ଧନା

(ଗ) ହିରେନ୍ ମୁଖାର୍ଜୀ ସ୍ମାରକୀ ବକ୍ତୃତା ପ୍ରଦାନ

(ଘ) ବୁଦ୍ଧଗୟା ଗସ୍ତ

## (ଚ) ଭାରତ ଓ ବଙ୍ଗଳାଦେଶ

**୧. କେବେ ଭାରତ ଓ ବଙ୍ଗଳାଦୋ ମଧ୍ୟରେ ପ୍ରଥମ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୭୧ (ଖ) ୧୯୭୨

(ଗ) ୧୯୭୪ (ଘ) ୧୯୭୫

**୨. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସ୍ୱାକ୍ଷରିତ ପ୍ରଥମ ଚୁକ୍ତିରେ ବଙ୍ଗଳାଦେଶ ତରଫରୁ କିଏ ସ୍ୱାକ୍ଷର କରିଥିଲେ ?**

(କ) ମୁଜିବୁର ରେହମାନ୍

(ଖ) ନଜରୁଲ୍ ଇସଲାମ୍

(ଗ) ଜିଆ ଉର୍ ରେହମାନ୍

(ଘ) ଏର୍‌ସାଦ୍

**୩. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଶାନ୍ତି ଓ ବନ୍ଧୁତା ସ୍ଥାପନ ପାଇଁ କେବେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(କ) ୧୯୭୧ (ଖ) ୧୯୭୨

(ଗ) ୧୯୭୪ (ଘ) ୧୯୭୫

**୪. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଶାନ୍ତି ଓ ବନ୍ଧୁତା ସ୍ଥାପନ ପାଇଁ ସମ୍ପାଦିତ ଚୁକ୍ତିରେ ବଙ୍ଗଳାଦୋ ତରଫରୁ କିଏ ସ୍ୱାକ୍ଷର କରିଥିଲେ ?**

(କ) ଜିଆ ଉର୍ ରେହମାନ୍

(ଖ) ନଜରୁଲ୍ ଇସ୍‌ଲାମ୍

(ଗ) ମୁଜିବୁର ରେହମାନ୍

(ଘ) ଏର୍‌ସାନ୍

**୫. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସମ୍ପାଦିତ ବାଣିଜ୍ୟିକ ଚୁକ୍ତି ଅନୁସାରେ ବଙ୍ଗଳାଦେଶରୁ ଭାରତ ବଜାରକୁ ଆସିଥିବା ଦ୍ରବ୍ୟମାନଙ୍କ ମଧ୍ୟରେ କେଉଁଟି ଅନ୍ତର୍ଭୁକ୍ତ ନ ଥିଲା ?**

(କ) ମାଛ (ଖ) ଝୋଟ

(ଗ) ଖଣଜ ପଦାର୍ଥ (ଘ) ଛାପାକାଗଜ

**୬. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସମ୍ପାଦିତ ବାଣିଜ୍ୟିକ ଚୁକ୍ତି ଅନୁଯାୟୀ ଭାରତ ବଙ୍ଗଳାଦେଶର ବଜାରକୁ କେଉଁ ଦ୍ରବ୍ୟ ପଠାଇ ନ ଥିଲା ?**

(କ) ସିମେଣ୍ଟ

(ଖ) ଝୋଟ

(ଗ) ମେସିନ

(ଘ) ଖଣିଜ ପଦାର୍ଥ

**୭. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଥିବା ସୁସମ୍ପର୍କରେ ବିଚଳିତ ହୋଇ ପାକିସ୍ତାନ କେବେ ବଙ୍ଗଳାଦେଶକୁ ଏକ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ଦେଇ ବଙ୍ଗଳାଦେଶରେ ଭାରତ ବିରୋଧୀ ମନୋଭାବକୁ ଉତ୍ସାହିତ କଲା ?**

(କ) ୧୯୭୧ (ଖ) ୧୯୭୨

(ଗ) ୧୯୭୪ (ଘ) ୧୯୭୫

**୮. କାହାର କାର୍ଯ୍ୟକାଳ ସମୟରେ ବଙ୍ଗଳାଦେଶ ନିଜର ଧର୍ମନିରପେକ୍ଷତା ହରାଇଲା ?**

(କ) ଏର୍‌ସାଦ

(ଖ) ମୁଜିବୁର ରେହମାନ୍

(ଗ) ଜିଆ ଉର୍ ରେହମାନ୍

(ଘ) ନଜରୁଲ ଇସ୍‌ଲାମ

**୯. କେବେଠାରୁ ବଙ୍ଗଳାଦେଶରେ ଭାରତ ବିରୋଧୀ ଓ ପାକିସ୍ତାନ ସପକ୍ଷବାଦୀ ଶକ୍ତି ସକ୍ରିୟ ହେଲା ?**

(କ) ୧୯୭୪ (ଖ) ୧୯୭୫

(ଗ) ୧୯୯୬ (ଘ) ୨୦୦୧

**୧୦. କେବେ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଗଙ୍ଗାନଦୀର ଜଳବଣ୍ଟନ ସମ୍ପର୍କିତ ଚୁକ୍ତି ହୋଇଥିଲା ?**

(କ) ୧୯୭୪ (ଖ) ୧୯୭୫

(ଗ) ୧୯୯୬ (ଘ) ୨୦୦୧

## (ଛ) ଭାରତ ଓ ମିଆଁମାର୍

**୧. କାହାର ମିଆଁମାରଗସ୍ତ ଭାରତର ପ୍ରଧାନମନ୍ତ୍ରୀ ସ୍ତରୀୟ ନେତାଙ୍କ ଉକ୍ତ ଦେଶକୁ ପ୍ରଥମ ଗସ୍ତ ଥିଲା ?**

(କ) ମନମୋହନ ସିଂହ

(ଖ) ଇନ୍ଦିରା ଗାନ୍ଧୀ

(ଗ) ନରସିଂହ ରାଓ

(ଘ) ଜବାହରଲାଲ ନେହେରୁ

**୨. କିଏ ଭାରତ ଗସ୍ତରେ ଆସି ମିଆଁମାରରେ ଆନ୍ଦୋଳନକାରୀଙ୍କ ଉପରେ ଚାଲିଥିବା ଦମନଲୀଳାକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ ?**

(କ) ନ୍ୟାନ୍‌ୱିନ୍

(ଖ) ନେ ୱିନ୍

(ଗ) ଇବ୍ରାହିମ୍ ଗମ୍ବାରୀ

(ଘ) ୟୁନୁ

**୩. ମିଆଁମାର ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ତରଫରୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତ ପ୍ରତିନିଧି ଇବ୍ରାହିମ୍ ଗମ୍ବାରୀ କେବେ ଭାରତ ଗସ୍ତରେ ଆସିଥିଲେ ?**

(କ) ୨୦୦୭ ଅଗଷ୍ଟ

(ଖ) ୨୦୦୭ ଅକ୍ଟୋବର

(ଗ) ୨୦୦୮ ଜାନୁଆରୀ

(ଘ) ୨୦୦୮ ଅକ୍ଟୋବର

**୪. କେବେ ମିଆଁମାରର ବୈଦେଶିକ ମନ୍ତ୍ରୀ ନ୍ୟାନ୍ ୱିନ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ସାକ୍ଷାତ କରିଥିଲେ ?**

(କ) ୨୦୦୭ ଅଗଷ୍ଟ

(ଖ) ୨୦୦୭ ଅକ୍ଟୋବର

(ଗ) ୨୦୦୮ ଜାନୁଆରୀ

(ଘ) ୨୦୦୮ ଅକ୍ଟୋବର

**୫. ଭାରତର ସ୍ୱାଧୀନତାପ୍ରାପ୍ତି ସମୟରେ କିଏ ମିଆଁମାରର ପ୍ରଧାନମନ୍ତ୍ରୀ ଥିଲେ ?**

(କ) ୟୁ ନୁ

(ଖ) ନ୍ୟାନ୍ ୱିନ୍

(ଗ) ଇବ୍ରାହୀମ୍ ଗମ୍ଭାରୀ

(ଘ) ନେ ୱିନ୍

**୬. କେବେ ମିଆଁମାରରେ ଜେନେରାଲ ନେ ୱିନ୍‌ଙ୍କ ନେତୃତ୍ୱରେ ସାମରିକ ଶାସନ ପ୍ରତିଷ୍ଠିତ ହୋଇଥିଲା ?**

(କ) ୧୯୬୨

(ଖ) ୧୯୬୪

(ଗ) ୧୯୬୮

(ଘ) ୧୯୯୫

**୭. କାହାର ପ୍ରଧାନମନ୍ତ୍ରୀ ସମୟରେ ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରତ ଓ ମିଆଁମାର ମଧ୍ୟରେ ଅନେକଥର ଦ୍ୱିପାକ୍ଷିକ ଆଲୋଚନା କରାଯାଇଥିଲା ?**

(କ) ଜବାହରଲାଲ ନେହେରୁ

(ଖ) ଇନ୍ଦିରା ଗାନ୍ଧୀ

(ଗ) ନରସିଂହ ରାଓ

(ଘ) ମନମୋହନ ସିହ

**୮. କେବେ ମିଆଁମାର ଓ ଭାରତ ମିଳିତ ବାଣିଜ୍ୟିକ କମିଟି ଦୁଇ ଦେଶ ମଧ୍ୟରେ ଥିବା ସୀମା ବାଣିଜ୍ୟିକୁ ସ୍ୱାଭାବିକ ବାଣିଜ୍ୟିରେ ପରିଣତ କରିବା ପାଇଁ ଆଲୋଚନା କରିଥିଲେ ?**

(କ) ୧୯୬୨ ମାର୍ଚ୍ଚ

(ଖ) ୨୦୦୭ ଅକ୍ଟୋବର

(ଗ) ୨୦୦୮ ଜାନୁଆରୀ

(ଘ) ୨୦୦୮ ଅକ୍ଟୋବର

**୯. ୨୦୦୮ ମସିହା ଜାନୁଆରୀ ୭ ତାରିଖରେ ଭାରତ ସରକାର କେଉଁ ବିଷୟରେ ଘୋଷଣା କରିଥିଲେ ?**

(କ) ଭାରତ ଓ ମିଆଁମାରର ସୀମାନ୍ତ ଅଞ୍ଚଳରେ ବିଦ୍ରୋହୀମାନଙ୍କ ଦମନ

(ଖ) କାଲାଦାନ ପ୍ରକଳ୍ପର ନିର୍ମାଣ

(ଗ) ମିଆଁମାରରେ ରାଜନୈତିକ ସଂସ୍କାର

(ଘ) ଭାରତ ମିଆଁମାର

**୧୦. ଭାରତ ଓ ମିଆଁମାରର ସ୍ଥଳବାହିନୀର ମୁଖ୍ୟ କେବେ ଉଭୟ ଦେଶର ସୁରକ୍ଷା ପାଇଁ ଶିଲଂଠରେ ଆଲୋଚନା କରିଥିଲେ ?**

(କ) ୧୯୯୪ (ଖ) ୧୯୯୫

(ଗ) ୨୦୦୦ (ଘ) ୨୦୦୧

# ବହୁବିକଳ୍ପ ପ୍ରଶ୍ନର ଉତ୍ତର

## (କ) ଭାରତ ଓ ପାକିସ୍ତାନ

୧. (ଗ) ପାକିସ୍ତାନ ଓ ଭାରତ

୨. (ଘ) ୧୯୬୬

୩. (ଘ) ୧୯୭୨

୪. (ଗ) ୧୯୭୨

୫. (ଖ) ୧୯୮୯

୬. (ଗ) ୧୯୯୮

୭. (ଘ) ୧୯୯୯

୮. (ଘ) ୧୯୯୯

୯. (ଘ) ୧୯୯୯

୧୦. (ଗ) ଯୁକ୍ତରାଷ୍ଟ୍ର ଆମେରିକା

## (ଖ) ଭାରତ ଓ ଚୀନ

୧. (ଗ) ୧୯୪୭

୨. (ଖ) ୧୯୪୯

୩. (ଘ) ୧୯୫୦ ମସିହାରେ ଚୀନ୍‌ର ତିବ୍ବତ ଅଧିକାର

୪. (ଖ) ୧୯୫୪

୫. (ଖ) ୧୯୫୫

୬. (ଗ) ୧୯୫୯

୭. (ଘ) ୧୯୬୨

୮. (ଘ) ଶ୍ରୀଲଙ୍କା

୯. (ଖ) ୧୯୯୩

୧୦. (ଗ) ୧୯୯୫

୧୧. (ଘ) ୨୦୦୨

୧୨. (ଘ) ୨୦୦୨

## (ଗ) ଭାରତ ଓ ଶ୍ରୀଲଙ୍କା

୧. (ଗ) ଡି.ଏସ୍. ସେନାନାୟକେ

୨. (ଖ) ଶିରିମାଭୋ ବନ୍ଦରନାୟକେ

୩. (ଘ) ଶ୍ରୀଲଙ୍କାବାସୀମାନଙ୍କର ଏକ ଅଲଗା ଦେଶ ଗଠନ ପାଇଁ ଦାବୀ

୪. (ଖ) ଏସ୍. ଜେ. ଭି. ଚଲଭନାୟକମ୍

୫. (ଘ) ଅମୃତଲିଙ୍ଗମ୍

୬. (ଖ) ୧୯୫୩

୭. (କ) ଶିରିମାଭୋ ବନ୍ଦରନାୟକେ

୮. (ଗ) ୧୯୭୪

୯. (ଘ) ଇନ୍ଦିରାଗାନ୍ଧୀ ଓ ଶିରିମାଭୋ ବନ୍ଦନାୟକେ

୧୦. (କ) ୧୯୭୧

୧୧. (ଖ) ସୋଭିଏତ ରୁଷିଆ

୧୨. (ଗ) ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ସହଯୋଗ

୧୩. (କ) ୧୯୮୩

୧୪. (ଘ) ୧୯୮୮

୧୫. (ଖ) ପ୍ରଭାକରନ୍

୧୬. (ଘ) ଜୟବର୍ଦ୍ଧନ

୧୭. (ଖ) ଜୟବର୍ଦ୍ଧନେ

୧୮. (ଗ) ଅମୃତଲିଙ୍ଗମ୍

୧୯. (ଖ) ରାଜୀବ ଗାନ୍ଧୀ

୨୦.(ଖ) ୧୯୮୭

୨୧. (ଘ) ୧୯୯୫

୨୨. (ଖ) ବର୍ଣ୍ଣବୈଷମ୍ୟଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ

୨୩. (ଗ) ତାମିଲ ଇଲମ୍ ଲିବରେସନ ଟାଇଗରସ୍

## (ଘ) ଭାରତ ଓ ନେପାଳ

୧. (ଘ) ଜବାହରଲାଲ ନେହେରୁ

୨. (କ) ୧୯୫୦

୩. (ଗ) ବାଣିଜ୍ୟିକ ଚୁକ୍ତି

୪. (ଗ) ୧୯୫୪

୫. (ଗ) ରାଜା ତ୍ରିଭୁବନ

୬. (ଗ) ପ୍ରଧାନମନ୍ତ୍ରୀ ଟି.ପି. ଆର୍ଯ୍ୟ

୭. (ଗ) ରାଜା ମହେନ୍ଦ୍ର

୮. (ଖ) ଲାଲ୍‌ବାହାଦୁର ଶାସ୍ତ୍ରୀ

୯. (ଘ) ସର୍ଦ୍ଦାର ସ୍ବରଣ ସିଂ

୧୦. (କ) ୧୯୬୧

୧୧. (କ) ରାଜା ବୀରେନ୍ଦ୍ର

୧୨. (ଘ) ଘୋଷଣାରେ ଅନ୍ତର୍ଭୁକ୍ତ କେତେକ ଭାରତ ବିରୋଧୀ ସର୍ତ୍ତ

୧୩. (ଖ) ମୋରାରଜୀ ଦେଶାଇ

୧୪. (ଗ) ୧୯୮୫

୧୫. (କ) ଏକଛତ୍ରବାଦୀ ରାଜତନ୍ତ୍ରର ଅବସାନ

୧୬. (ଘ) ରାଜା ଜ୍ଞାନେନ୍ଦ୍ର

୧୭. (ଗ) ବହୁଦଳୀୟ ଗଣତନ୍ତ୍ର ପ୍ରତିଷ୍ଠା

୧୮. (ଗ) ୧୯୯୦

୧୯. (ଘ) ୧୯୯୧

## (ଙ) ଭାରତ ଓ ଭୁଟାନ

୧. (କ) ୧୯୪୯

୨. (କ) ୨୦୦୭

୩. (ଗ) ୧୯୬୮

୪. (ଗ) ୧୯୮୮

୫. (ଘ) ୨୦୦୮

୬. (ଖ) ୧୯୫୮

୭. (ଘ) ମନମୋହନ ସିଂହ

୮. (ଗ) ୨୦୧୦

୯. (ଖ) ୨୦୦୯

୧୦. (ଗ) ୨୦୧୦

୧୧. (ଘ) ୨୦୧୧

୧୨. (ଗ) ହିରେନ୍ ମୁଖାର୍ଜୀ ସ୍ମରକୀ ବକ୍ତୃତା ପ୍ରଦାନ

## (ଚ) ଭାରତ ଓ ବଙ୍ଗଳାଦେଶ

୧. (କ) ୧୯୭୧

୨. (ଖ) ନଜରୁଲ୍ ଇସଲାମ୍

୩. (ଖ) ୧୯୭୨

୪. (ଗ) ମୁଜିବୁର ରେହମାନ୍

୫. (ଗ) ଖଣଜ ପଦାର୍ଥ

୬. (ଖ) ଝୋଟ

୭. (ଗ) ୧୯୭୪

୮. (କ) ଏରସାଦ

୯. (ଘ) ୨୦୦୧

୧୦. (ଗ) ୧୯୯୬

## (ଛ) ଭାରତ ଓ ମିଆଁମାର୍

୧. (ଘ) ଜବାହରଲାଲ ନେହେରୁ

୨. (ଗ) ଇବ୍ରାହିମ୍ ଗମ୍ବାରୀ

୩. (ଖ) ୨୦୦୭ ଅକ୍ଟୋବର

୪. (ଗ) ୨୦୦୮ ଜାନୁଆରୀ

୫. (କ) ୟୁ ନୁ

୬. (କ) ୧୯୬୨

୭. (ଗ) ନରସିଂହ ରାଓ

୮. (ଘ) ୨୦୦୮ ଅକ୍ଟୋବର

୯. (ଖ) କାଲାଦାନ ପ୍ରକଳ୍ପର ନିର୍ମାଣ

୧୦. (ଗ) ୨୦୦୦

# ସଂକ୍ଷିପ୍ତ ପ୍ରଶ୍ନୋତ୍ତର

## (କ) ତିନୋଟି ବାକ୍ୟରେ ଉତ୍ତର ଲେଖ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର।

## (କ) ଭାରତ ଓ ପାକିସ୍ତାନ

**୧. ୧୯୪୭ ମସିହାର ବିଭାଜନ ପରେ କେଉଁ ପ୍ରସଙ୍ଗଗୁଡ଼ିକ ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା ?**

**Answer Hints :**

(i) ଶରଣାର୍ଥୀ ପୁନର୍ବସତି ବ୍ୟବସ୍ଥା

(ii) କାଶ୍ମୀରର ସ୍ଥିତି

(iii) ବ୍ରିଟିଶ ଶାସକମାନେ ଛାଡ଼ି ଯାଇଥିବା ଆର୍ଥିକ ସମ୍ବଳ

**୨. କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ତାନ କ'ଣ ପଦକ୍ଷେପ ନେଇଥିଲା ?**

**Answer Hints :**

(i) ସିଆଟୋ (SEATO)ର ସଦସ୍ୟ ହେଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସହିତ ବନ୍ଧୁତା ସ୍ଥାପନ କଲା

(ii) ଭାରତ ଓ ଚୀନ ମଧ୍ୟରେ ଥିବା ତିକ୍ତ ସମ୍ପର୍କର ଫାଇଦା ଉଠାଇ ଚୀନ ସହିତ ସମ୍ପର୍କର ଘନିଷ୍ଠତା ବଢ଼ାଇଲା

(iii) ଚୀନ୍‌ଠାରୁ ଅସ୍ତ୍ରଶସ୍ତ୍ର ଆଣିଲା ଏବଂ କ୍ଷେପଣାସ୍ତ୍ର ତିଆରିରେ ସହାୟତା ଲାଭ କଲା

**୩. ୧୯୬୫ ମସିହାର ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘଟିତ ଯୁଦ୍ଧର ବିରତି ପରେ କାହାର ମଧ୍ୟସ୍ଥତାରେ ଦୁଇଦେଶ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଏହା କେଉଁଦିନ ଓ କେଉଁଠାରେ ସ୍ୱାକ୍ଷରିତ ହୋଇଥିଲା ?**

**Answer Hints :**

(i) ସୋଭିଏତ୍ ଋଷର ମଧ୍ୟସ୍ଥତା

(ii) ୧୯୬୬ ମସିହା ଜାନୁୟାରୀ ୧୦ ତାରିଖ

(iii) ତାସକେଣ୍ଟଠାରେ

**୪. ୧୯୭୨ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ସିମ୍ଲା ରାଜିନାମା ଅନୁସାରେ କ'ଣ କରାଯାଇଥିଲା ?**

**Answer Hints :**

(i) ଦୁଇ ଦେଶ ମଧ୍ୟରେ 'ଯୁଦ୍ଧ ବିରତି' ରେଖାକୁ ପୁନଃ ନିର୍ଦ୍ଧାରଣ କରାଯାଇ ବର୍ତ୍ତମାନର 'ନିୟନ୍ତ୍ରଣ ରେଖା' ନାମରେ ପରିଚିତ ରେଖା ସ୍ଥିର କରାଗଲା।

(ii) ଉଭୟ ଦେଶ କାଶ୍ମୀର ଇଲାକାରେ ବଳ ପ୍ରୟୋଗରୁ ବିରତ ରହିଲେ

(iii) ପାକିସ୍ତାନର ୯୦୦୦୦ ଯୁଦ୍ଧବନ୍ଦୀଙ୍କୁ ଭାରତ ମୁକ୍ତ କଲା

**୫. କାର୍‌ଗିଲ୍ ଯୁଦ୍ଧ ସମୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ କାହା ସହିତ ଆଲୋଚନା ହୋଇଥିଲା ଓ କେବେ ଏବଂ ଏହି ଆଲୋଚନାର ତୁରନ୍ତ ଫଳ କ'ଣ ଥିଲା ?**

**Answer Hints :**

(i) ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ସହିତ

(ii) ୧୯୯୯ ମସିହା ଜୁଲାଇ ୪ ତାରିଖ

(iii) ନୱାଜ ସରିଫଙ୍କ ଆତଙ୍କବାଦୀମାନଙ୍କୁ କାର୍‌ଗିଲ୍‌ରୁ ହଟିଯିବା ପାଇଁ ଆଦେଶ

## (ଖ) ଭାରତ ଓ ଚୀନ୍

**୧. ଭାରତ ଓ ଚୀନ୍ ମଧ୍ୟରେ ତିବ୍ବତ ସମ୍ପର୍କିତ ସମସ୍ୟା କ'ଣ ଥିଲା ?**

**Answer Hints :**

(i) ଦୀର୍ଘଦିନ ଧରି ସ୍ୱାଧୀନ ରାଷ୍ଟ୍ର ଥିବା ତିବ୍ବତକୁ ଚୀନ୍ ଦଖଲ କଲା

(ii) ୧୮୯୦ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ୍ ସରକାର ଚୀନ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରି ଭାରତ ଓ ତିବ୍ବତ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲେ

(iii) ତିବ୍ବତୀୟ ଶାସକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ବ୍ରିଟେନ୍ ଓ ଋଷିଆ ତିବ୍ବତରେ ଚୀନ୍‌ର ଶାସନକୁ ସମର୍ଥନ ଜଣାଇଥିଲେ

**୨. ୧୯୫୦ ମସିହାରେ ଭାରତ ଓ ଚୀନ୍ ମଧ୍ୟରେ କାହିଁକି ତିକ୍ତତା ସୃଷ୍ଟି ହୋଇଥିଲା ?**

**Answer Hints :**

(i) ୧୯୧୧ ମସିହାରେ ଡକ୍ଟର ସନ୍-ୟାତ୍-ସେନ୍‌ଙ୍କ ନେତୃତ୍ୱରେ ଚୀନ୍‌ରେ ବିପ୍ଳବ ହୋଇଥିଲା

(ii) ଏହି ବିପ୍ଳବ ପରେ ତିବ୍ବତ୍ ତାହାର ଭୂଖଣ୍ଡରୁ ଚାଲିଯିବା ପାଇଁ ଚୀନ୍‌କୁ ବାଧ୍ୟ କରିଥିଲା

(iii) ୧୯୫୦ ମସିହା ଅକ୍ଟୋବର ମାସରେ ଚୀନ୍ ତିବ୍ବତକୁ ଅଧିକାର କଲାବେଳେ ଭାରତ ଏହାର ଘୋର ବିରୋଧ କରିଥିଲା

**୩. ୧୯୫୯ ମସିହାରେ କେଉଁ ଘଟଣାବଳୀ ଭାରତ ଓ ଚୀନ୍ ମଧ୍ୟରେ ବିବାଦ ସୃଷ୍ଟି କରିଥିଲା ?**

**Answer Hints :**

(i) ଭାରତର ୮୧୬୦୦ ବର୍ଗ କିଲୋମିଟରକୁ ଚୀନ୍ ସରକାର ନିଜ ଅକ୍ତିଆରରେ ରଖିଲେ

(ii) ସେହିବର୍ଷ ଜୁଲାଇ ମାସରେ ଚୀନ୍ ସୈନ୍ୟମାନେ ଲଦାଖର ଖୁର୍‌ନାକରୁ କେତେକ ଭାରତୀୟ ସୈନ୍ୟଙ୍କୁ ବନ୍ଦୀ କରି ନେଇଥିଲେ

(iii) ଅକ୍ଟୋବର ମାସରେ ନଅଜଣ ଭାରତୀୟ ସୈନ୍ୟଙ୍କୁ ହତ୍ୟା କରିଥିଲେ ।

**୪. ୧୯୬୨ ମସିହାରେ କାହିଁକି ଚୀନ୍ ଓ ଭାରତ ମଧ୍ୟରେ ବିବାଦକୁ ଘନୀଭୂତ କରିଥିଲା ?**

**Answer Hints :**

(i) ଚୀନ ଭାରତକୁ ଆକ୍ରମଣ କଲା

(ii) ଦୁଇ ଦେଶ ମଧ୍ୟରେ ଥିବା ମ୍ୟାକ୍ ମୋହନ ସୀମାରେଖା ଅତିକ୍ରମ କରି ଭାରତର ବିସ୍ତୃତ ଅଞ୍ଚଳକୁ ଚୀନ୍ ଅଧିକାର କଲା

(iii) ଶ୍ରୀଲଙ୍କା ସରକାରଙ୍କ ଉଦ୍ୟମରେ କଲମ୍ବୋ ସମ୍ମିଳନୀରେ ଗୃହୀତ ଶାନ୍ତି ପ୍ରସ୍ତାବକୁ ଚୀନ୍ ସରକାର ପ୍ରତ୍ୟାଖ୍ୟାନ କଲେ

**୫. ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କରେ କିପରି କିଛି ପରିବର୍ତ୍ତନ ଘଟିଲା ?**

**Answer Hints :**

(i) ଭାରତ ତିବ୍ବତ ସମସ୍ୟାରୁ ନିଜକୁ ଦୂରେଇ ରଖିଲା

(ii) କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ ଦେବାରୁ ଚୀନ୍ ନିବୃତ ରହିଲା

(iii) ଉଭୟ ଦେଶ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ଘଟିଲା

## (ଗ) ଭାରତ ଓ ଶ୍ରୀଲଙ୍କା

**୧. କେଉଁ ସମସ୍ୟା ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମତାନ୍ତର ଓ ବିଭେଦର ମୁଖ୍ୟ କାରଣ ଥିଲା ଏବଂ ଏହି ସମସ୍ୟା କିପରି ଉଗ୍ରରୂପ ଧାରଣା କଲା ?**

**Answer Hints :**

(i) ତାମିଲ ସମସ୍ୟା

(ii) ଶ୍ରୀଲଙ୍କାରେ ବାସ କରୁଥିବା ତାମିଲମାନଙ୍କ ଦ୍ୱାରା "ଇଲମ୍ ରିପବ୍ଲିକ୍" ନାମରେ ଏକ ଅଲଗା ଦେଶ ଦାବୀ

(iii) ସିଂହଳୀମାନଙ୍କର ତାମିଲମାନଙ୍କ ପ୍ରଭୁତ୍ୱକୁ ବିରୋଧ

୨. ଶ୍ରୀଲଙ୍କାରେ କେଉଁ ନେତା ଦାବୀ ଉପସ୍ଥାପନ ପାଇଁ 'ଫେଡେରାଲ ଦଳ' ଗଠନ କରିଥିଲେ ଏବଂ ପରିବର୍ତ୍ତିତ ନାମ କ'ଣ ହେଲା ?

**Answer Hints :**

(i) ତାମିଲ୍ ଜାତୀୟବାଦୀ ନେତା ଏସ୍.ଜେ.ଭି. ଚଲଭନାୟକମ୍

(ii) ଅମୃତଲିଙ୍ଗମ୍

(iii) ତାମିଲ୍ ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ

୩. ୧୯୬୪ ମସିହାରେ କେଉଁ ବିଷୟରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଏହା କେଉଁଠାରେ ଓ ଯଥାକ୍ରମେ କେଉଁ ନେତାମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା ?

**Answer Hints :**

(i) ରାଷ୍ଟ୍ର ବିହୀନ ଲୋକମାନଙ୍କ ସମସ୍ୟା

(ii) ଦିଲ୍ଲୀଠାରେ

(iii) ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ଓ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଗରିମାଭୋ ବନ୍ଦରନାୟକେ

୪. ପକ୍ ପ୍ରଣାଳୀରେ ଅବସ୍ଥିତ କଚ୍ଛତିଭୁ ଦ୍ୱୀପ ସଂକ୍ରାନ୍ତରେ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଉପୁଜିଥିବା କନ୍ଦଳକୁ କିପରି ସମାଧାନ କରିବା ପାଇଁ କେଉଁ ବିଷୟ ସମ୍ପର୍କିତ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ କେବେ ଓ କାହାଦ୍ୱାରା ସ୍ୱାକ୍ଷରିତ ହୋଇଥିଲା ?

**Answer Hints :**

(i) ସାମୁଦ୍ରିକ ଜଳସୀମା ସମ୍ପର୍କିତ

(ii) ୧୯୭୪ ମସିହା ଜୁନ୍ ମାସରେ

(iii) ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେ ଓ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ମଧ୍ୟରେ

୫. ୧୯୮୩ ମସିହାରେ ଶ୍ରୀଲଙ୍କାର ତାମିଲ୍ ଓ ସିଂହଳୀଙ୍କ ମଧ୍ୟରେ ଥିବା କନ୍ଦଳ କାହିଁକି ଉଗ୍ରରୂପ ଧାରଣ କଲା ?

**Answer Hints :**

(i) ତାମିଲ୍ ୟୁନାଇଟେଡ୍ ଲିବରେନ ଫ୍ରଣ୍ଟଦ୍ୱାରା ସ୍ୱତନ୍ତ୍ର ରାଷ୍ଟ୍ର ଦାବୀ

(ii) ଆନ୍ଦୋଳନକାରୀଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ

(iii) ତାମିଲ ବ୍ୟାଘ୍ର ନେତା ଉମା ମହେଶ୍ୱରନ୍ ଓ ପ୍ରଭାକରନ୍‌ଙ୍କୁ ଗିରଫ

୬. ଶ୍ରୀଲାଙ୍କା ରାଷ୍ଟ୍ରପତି ଶ୍ରୀମତୀ ଚନ୍ଦ୍ରିକା କୁମାର ତୁଙ୍ଗଙ୍କ ୧୯୯୫ ମସିହାରେ ଭାରତ ଗସ୍ତ ସମୟରେ ଦୁଇ ଦେଶ କେଉଁ ବିଷୟଗୁଡ଼ିକରେ ରାଜି ହୋଇଥିଲେ ?

**Answer Hints :**

(i) ଶାନ୍ତି ପ୍ରତିଷ୍ଠା ପାଇଁ ଶୀଲଙ୍କା ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ

(ii) ଶ୍ରୀଲଙ୍କାର ଭାରତକୁ ଆର୍ଥନୀତିକ ସହାୟତା

(iii) ଉଭୟ ଦେଶର ଧୀବରମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ

## (ଘ) ଭାରତ ଓ ନେପାଳ

୧. ୧୯୫୦ ମସିହାରେ ଭାରତ ଓ ନେପାଳ ମଧ୍ୟରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଏଥିରେ କ'ଣ ସୂଚିତ କରାଯାଇଥିଲା ?

**Answer Hints :**

(i) ଶାନ୍ତି ଓ ବନ୍ଧୁତାର ଚୁକ୍ତି

(ii) ଉଭୟ ଦେଶ ମିଳିତ ଭାବରେ ବିଦେଶୀ ଶତ୍ରୁକୁ ମୁକାବିଲା କରିବେ

(iii) ଅନ୍ୟ ଦେଶରୁ ଯୁଦ୍ଧ ସାମଗ୍ରୀ କିଣିବା ପୂର୍ବରୁ ନେପାଳ ଭାରତ ସହିତ ପରାମର୍ଶ କରିବ

**୨. ୧୯୫୫ ମସିହାରେ ନେପାଳର ରାଜା ତ୍ରିଭୁବନଙ୍କର ମୃତ୍ୟୁ ପରେ ଭାରତ ଓ ନେପାଳ ସମ୍ପର୍କରେ କିପରି ଭଙ୍ଗା ପଡ଼ିଥିଲା ?**

**Answer Hints :**

(i) ନେପାଳର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଟି.ପି. ଆଚାର୍ଯ୍ୟ ଚୀନ୍‌ର ସମର୍ଥକ ଥିଲେ ଓ ତାଙ୍କର ଚାଉ ଏନ୍ ଲାଇଙ୍କ ସହିତ ଘନିଷ୍ଠତା ଭାରତକୁ କ୍ଷୁବ୍‌ଧ କରିଥିଲା

(ii) ନେପାଳ କଂଗେସର ବହୁ ବିତାଡ଼ିତ ସଦସ୍ୟଙ୍କ ଭାରତରେ ଆଶ୍ରୟ

(iii) ସେମାନଙ୍କୁ ଆଶ୍ରୟ ଦେଇଥିବାରୁ ରାଜା ମହେନ୍ଦ୍ର ବିମୁଖ ହୋଇଥିଲେ ଓ ଚୀନ ପ୍ରତି ସମର୍ଥନ ଜଣାଇ କାଠମାଣ୍ଡୁ ଓ ଲାସା ମଧ୍ୟରେ ଏକ ସଡ଼କ ନିର୍ମାଣ ପାଇଁ ଚୀନ୍ ସହିତ ରାଜିନାମା କରିଥିଲେ

**୩. ୧୯୬୧ ମସିହାରୁ ୧୯୬୪ ମସିହା ପର୍ଯ୍ୟନ୍ତ ଭାରତ ଓ ନେପାଳ ମଧ୍ୟରେ ସମ୍ପର୍କ କିପରି ଥିଲା ?**

**Answer Hints :**

(i) ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା

(ii) ଉଭୟ ଦେଶ ପାଇଁ ଏକ 'ସାଧାରଣ ବଜାର' ସୃଷ୍ଟି ହୋଇଥିଲା

(iii) ୧୯୬୪ ମସିହାରେ ଭାରତର ବୈଦେଶିକ ମନ୍ତ୍ରୀ ସର୍ଦ୍ଦାର ସୂରଣ ସିଂ ନେପାଳ ଗସ୍ତରେ ଯାଇ ନେପାଳକୁ ଆର୍ଥନୀତିକ ସହାୟତା ଯୋଗାଇଦେବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ

**୪. ରାଜା ଜ୍ଞାନେନ୍ଦ୍ର ନେପାଳର ନିର୍ବାଚିତ ସଂସଦକୁ ଭାଙ୍ଗିଦେବାର ଫଳ କ'ଣ ହେଲା ?**

**Answer Hints :**

(i) ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଲା

(ii) ଗଣତନ୍ତ୍ରର ବିଜୟ ହେଲା ଓ ରାଜା ମୁଣ୍ଡ ନୁଆଁଇଲେ

(iii) ନୂତନ ସଂସଦ ମାଓବାଦୀଙ୍କ ଦାବୀ ମାନିନେଲା ଓ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲା

## (ଙ) ଭାରତ ଓ ଭୁଟାନ

**୧. ୧୯୪୯ ମସିହାରେ ଭାରତ ଓ ଭୁଟାନ ମଧ୍ୟରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଏହାକୁ କେବେ ଓ କାହାର ଭାରତ ଗସ୍ତ ସମୟରେ ପରିମାର୍ଜିତ ଓ ସମୟୋପଯୋଗୀ କରାଯାଇଥିଲା ?**

**Answer Hints :**

(i) 'ବନ୍ଧୁତ୍ୱର ସନ୍ଧି'

(ii) ୨୦୦୭ ମସିହା ଫେବୃୟାରୀ ମାସ ୮ ତାରିଖ

(iii) ଭୁଟାନ ରାଜା ଜିଗ୍‌ମେ ଖେସର ନାମଗିୟେଲ୍ ୱାଂଗଚୁକ୍

**୨. ଶିକ୍ଷା କ୍ଷେତ୍ରରେ ଭାରତ କିପରି ଭୁଟାନ ସହିତ ସହଯୋଗ କରିଛି ?**

**Answer Hints :**

(i) ଭାରତର ସୈନିକ ସ୍କୁଲରେ ଭୁଟାନର ଛାତ୍ରଙ୍କୁ ଅଧ୍ୟୟନରେ ସୁବିଧା

(ii) ମେଧାବୀ ଭୁଟାନ ଚାତ୍ରମାନଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ଶିକ୍ଷାବୃତ୍ତି ପ୍ରଦାନ

(iii) ନେହେରୁ - ୱାଂଗଚୁକ୍ ବୃତ୍ତି ଲାଭ କରି ଭୁଟାନର ଅନେକ ଛାତ୍ରଙ୍କୁ ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନର ସୁଯୋଗ

## (ଚ) ଭାରତ ଓ ବଙ୍ଗଳାଦେଶ

**୧. ୧୯୭୧ ମସିହାରେ ପୂର୍ବ ପାକିସ୍ତାନ କିପରି ସ୍ୱାଧୀନ ରାଷ୍ଟ୍ର ବଙ୍ଗଳାଦେଶ ନାମରେ ଜନ୍ମ ନେଲା ?**

**Answer Hints :**

(i) ୧୯୭୧ ମସିହା ପୂର୍ବରୁ ପଶ୍ଚିମ ପାକିସ୍ତାନର ଅତ୍ୟାଚାରରେ ପୂର୍ବ ପାକିସ୍ତାନର ଲୋକମାନେ ଅତିଷ୍ଠ ହୋଇଥିଲେ

(ii) ଆୱାମି ଲିଗ୍‌ର ନେତା ଶେଖ୍ ମୁଜିବୁର ରହମନଙ୍କ ନେତୃତ୍ୱରେ ପାକିସ୍ତାନ ବିରୋଧରେ ପୂର୍ବ ପାକିସ୍ତାନରେ ଆନ୍ଦୋଳନ ଆରମ୍ଭ ହେଲା

(iii) ଭାରତ ସେହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଇ ପାକିସ୍ତାନକୁ ଯୁଦ୍ଧରେ ପରାସ୍ତ କଲା ଏବଂ ତା'ର ପରିଣତି ସ୍ୱରୂପ 'ବଙ୍ଗଳା ଦେଶ' ସୃଷ୍ଟି ହେଲା

**୨. ୧୯୭୧ ମସିହା ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିରେ ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ?**

**Answer Hints :**

(i) ଭାରତୀୟ ସେନାଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଏକ 'ମୁକ୍ତି ବାହିନୀ' ଗଠନ

(ii) ପ୍ରସ୍ତାବିତ ବଙ୍ଗଳାଦେଶକୁ ପାକିସ୍ତାନୀ ସାମରିକ ଶାସନ କବଳରୁ ସମ୍ପୂର୍ଣ୍ଣ ମୁକ୍ତି

(iii) ବଙ୍ଗଳା ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ଭାରତର ପ୍ରତିଶ୍ରୁତି

**୩. ବଙ୍ଗଳା ଦେଶରେ ୧୯୭୫ ମସିହାରେ ଘଟିଥିବା କେଉଁ ଘଟଣାଗୁଡ଼ିକ ଭାରତ ପାଇଁ ଚିନ୍ତାର କାରଣ ହୋଇଥିଲା ?**

**Answer Hints :**

(i) କେତେକ ପଦସ୍ଥ ସାମରିକ ଅଧିକାରୀଙ୍କ ଦ୍ୱାରା ବଙ୍ଗଳାଦେଶର ଶାସନ ଅକ୍ତିଆର

(ii) ଶେଖ୍ ମୁଜିବୁର ରହମନଙ୍କ ହତ୍ୟା ଓ ମୌଳବାଦୀମାନଙ୍କ ସକ୍ରିୟତା

(iii) ଲେଫ୍‌ଟନାଣ୍ଟ ଜେନରୋଲ ଜିଆ-ଉର୍-ରହମନଙ୍କ ଦ୍ୱାରା ଦେଶର ଶାସନ କରାୟତ୍ତ

**୪. ୧୯୭୫ ମସିହା ଠାରୁ ଭାରତ ଓ ବଙ୍ଗଳା ଦେଶ ମଧ୍ୟରେ ସମ୍ପର୍କରେ କିପରି ପରିବର୍ତ୍ତନ ଘଟିଥିଲା ?**

**Answer Hints :**

(i) ତିନ୍ ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା

(ii) ଭାରତର ତ୍ରିପୁରା ରାଜ୍ୟରେ ଆଶ୍ରୟ ନେଇଥିବା ଚକ୍‌ମା ଶରଣାର୍ଥୀଙ୍କୁ ନେଇ ସମସ୍ୟା ସୃଷ୍ଟି

(iii) ଅନେକ ସମୟରେ ବଙ୍ଗଳା ଦେଶର ଅନୁପ୍ରବେଶକାରୀମାନଙ୍କ ଦ୍ୱାରା ଭାରତ ପାଇଁ ସମସ୍ୟା ସୃଷ୍ଟି

## (ଛ) ଭାରତ ଓ ମିଆଁମାର

**୧. କେବେ ମିଆଁମାର୍‌ରେ ଶାସକ ଗୋଷ୍ଠୀଙ୍କ ବିରୋଧରେ ଆନ୍ଦୋଳନ ହୋଇଥିଲା ଏବଂ ଏହାର ଫଳ କ'ଣ ହୋଇଥିଲା ଓ ଏଥିରେ ଭାରତର ଭୂମିକା କ'ଣ ଥିଲା ?**

**Answer Hints :**

(i) ୨୦୦୭ ମସିହା ଅଗଷ୍ଟ ୧୫

(ii) ସାମରିକ ଶାସକମାନଙ୍କ ଦ୍ୱାରା ଆନ୍ଦୋଳନ ଦମନ ଓ ସେମାନଙ୍କ ଦମନଲୀଳା ପାଇଁ ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ

(iii) ଭାରତ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିବାରୁ ମିଆଁମାରରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସଂଘଟିତ ଆନ୍ଦୋଳନକୁ ଭାରତର ପୂର୍ଣ୍ଣ ସମର୍ଥନ

**୨. ଇବ୍ରାହିମ୍ ଗମ୍ବାରୀ କିଏ ଥିଲେ ଏବଂ ସେ ୨୦୦୭ ମସିହାରେ ଭାରତ ଗସ୍ତରେ ଆସିଥିବା ସମୟରେ କ'ଣ ଆହ୍ୱାନ ଦେଇଥିଲେ ଓ ଭାରତ ମିଆଁମାରକୁ କ'ଣ ପ୍ରତିଶ୍ରୁତି ଦେଇଥିଲା ?**

**Answer Hints :**

(i) ମିଆଁମାର ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ନିଯୁକ୍ତ, ସ୍ୱତନ୍ତ୍ର ପ୍ରତିନିଧି

(ii) ମିଆଁମାରରେ ଶାନ୍ତିପ୍ରିୟ ଆନ୍ଦୋଳନକାରୀଙ୍କ ଉପରେ ଦମନ ଲୀଳାକୁ ବିରୋଧ କରିବା ପାଇଁ

(iii) ମିଆଁମାରକୁ ଏକ ପଡ଼ୋଶୀ ବନ୍ଧୁ ରାଷ୍ଟ୍ରଭାବେ ଦେଖୁଥିବାରୁ ସମସ୍ତ ପ୍ରକାର ସହଯୋଗ ଦେବ

**୩. କେବେ ଓ କାହା ନେତୃତ୍ୱରେ ମିଆଁମାରରେ ସାମରିକ ଶାସନ ପ୍ରତିଷ୍ଠିତ ହେଲା ଏବଂ ଏହା ମିଆଁମାରରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବମାନଙ୍କୁ କିପରି ପ୍ରଭାବିତ କରିଥିଲା ?**

**Answer Hints :**

(i) ୧୯୬୨ ମସିହା ମାର୍ଚ୍ଚ ମାସ; ଜେନେରାଲ ନେ ୱିନ୍‌ଙ୍କ ନେତୃତ୍ୱ

(ii) ଅନେକ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପର ଜାତୀୟକରଣ ହେବା ଫଳରେ ଭାରତୀୟ ବଂଶୋଦ୍ଭବମାନେ ନିଜର ସମ୍ପତ୍ତି ଓ ଜୀବିକା ହରାଇଲେ

(iii) ୧୯୬୪ ରୁ ୧୯୬୮ ମସିହା ମଧ୍ୟରେ ପ୍ରାୟ ଦେଢ଼ ଲକ୍ଷ ଭାରତୀୟ ବଂଶୋଦ୍ଭବ ମିଆଁମାର ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ

**୪. ମିଆଁମାରର କାଲାଦାନ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ନେବାକୁ ଭାରତ ସରକାର କେବେ ଘୋଷଣା କରିଥିଲେ ଏବଂ ଏହି ଘୋଷଣାରେ ଅନ୍ୟ କ'ଣ ପ୍ରକାଶ କରାଯାଇଥିଲା ?**

**Answer Hints :**

(i) ୨୦୦୮ ମସିହା ଜାନୁଆରୀ ୭ ତାରିଖ

(ii) ଏହି ବନ୍ଦର ମିଆଁମାରକୁ ଭାରତର ଏକ ଉପହାର

(iii) ଏହି ବନ୍ଦରକୁ ଭାରତ ବ୍ୟବହାର କରିପାରିବ

## (ଖ) ଦୁଇଟି ବାକ୍ୟରେ ଉତ୍ତର ଲେଖ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର।

### (କ) ଭାରତ ଓ ପାକିସ୍ତାନ

**୧. ୧୯୪୭ ମସିହାରେ କାହାର ଅନୁରୋଧକ୍ରମେ କାଶ୍ମୀର ଭାରତ ସହିତ ମିଶିଗଲା ଏବଂ ଏହାପରେ ପାକିସ୍ତାନ କାହିଁକି ଭାରତ ବିରୁଦ୍ଧରେ ଯୁଦ୍ଧର ଆହ୍ୱାନ ଦେଇଥିଲା ?**

**Answer Hints :**

(i) ମହାରାଜା ହରିସିଂହଙ୍କ ଅନୁରୋଧକ୍ରମେ

(ii) ପାକିସ୍ତାନ ଏହାକୁ ବିରୋଧ କରି ଆସୁଥିବାରୁ ଏହି ମିଶ୍ରଣ ପ୍ରକ୍ରିୟାକୁ ସହଜରେ ଗ୍ରହଣ କରିପାରିଲା ନାହିଁ

**୨. କେବେ ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ସଂଘଟିତ ହୋଇଥିଲା ଏବଂ କେବେ ପାକିସ୍ତାନ ଚୀନ୍ ସହିତ ଭାରତର ସ୍ୱାର୍ଥ ବିରୋଧୀ ଚୁକ୍ତି ସ୍ୱାକ୍ଷର କରିଥିଲା ?**

**Answer Hints :**

(i) ୧୯୬୨ ମସିହା

(ii) ୧୯୬୩ ମସିହା

**୩. ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ କାହିଁକି ତିକ୍ତତା ବୃଦ୍ଧି ହେଲା ?**

**Answer Hints :**

(i) ପୂର୍ବ ପାକିସ୍ତାନର ପାକିସ୍ତାନ ବିରୋଧରେ ଯୁଦ୍ଧ ଘୋଷଣା ସମୟରେ ଭାରତ ପୂର୍ବପାକିସ୍ତାନକୁ ସହାୟତା କରିଥିଲା

(ii) ଭାରତର ସହଯୋଗ ଫଳରେ ପୂର୍ବପାକିସ୍ତାନ 'ବଙ୍ଗଳା ଦେଶ' ନାମରେ ଏକ ସ୍ୱାଦୀନ ରାଷ୍ଟ୍ରଭାବେ ସୃଷ୍ଟି ହୋଇପାରିଲା

**୪. ୧୯୮୯ ମସିହାରେ କିପରି ପାକିସ୍ତାନ ଦ୍ୱାରା ଭାରତରେ ଅସ୍ଥିରତା ସୃଷ୍ଟି ହେଲା ?**

**Answer Hints :**

(i) କାଶ୍ମୀର ଉପତ୍ୟକାରେ ବିଚ୍ଛିନ୍ନତାବାଦୀ ସଙ୍ଗଠନମାନଙ୍କୁ ପାକିସ୍ତାନ ସହାୟତା ଦେଲା

(ii) 'ଜାମ୍ମୁ ଓ କାଶ୍ମୀର ମୁକ୍ତି ସଙ୍ଗଠନ' ନାମକ ଏକ ବିଚ୍ଛିନ୍ନତାବାଦୀ ସଂଗଠନର ଉତ୍‌ଥାନ ହେଲା

**୫. ୧୯୯୮ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କରେ କାହିଁକି ଅବନତି ଆଣିଥିଲା ?**

**Answer Hints :**

(i) ୧୯୯୮ରେ ପୋଖରାନ୍ ଠାରେ ଭାରତର ଆଣବିକ ଶକ୍ତି ପରୀକ୍ଷା

(ii) ତୁରନ୍ତ ପରେ ପରେ ଚଘାଇପର୍ବତ ଠାରେ ପାକିସ୍ତାନର ଆଣବିକ ଶକ୍ତି ପରୀକ୍ଷା

### (ଖ) ଭାରତ ଓ ଚୀନ୍

**୧. ଭାରତର ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଚୀନ୍‌ର ଭାରତ ପ୍ରତି ବିରୋଧଭାବ ପ୍ରକାଶ ପାଇଥିଲା ?**

**Answer Hints :**

(i) ୧୯୪୭ ମସିହା ମାର୍ଚ୍ଚ ମାସରେ ନୂଆ ଦିଲ୍ଲୀରେ "ଏସୀୟ ସମ୍ପର୍କ ସମ୍ମିଳନୀ" ଅନୁଷ୍ଠିତ ହୋଇଥିଲା

(ii) ଉକ୍ତ ସମ୍ମିଳନୀରେ ଭାରତଦ୍ୱାରା ସ୍ୱୀକୃତ ତିବ୍ବତୀୟ ପ୍ରତିନିଧିଦଳକୁ ଚିଆଙ୍ଗ କାଇ ସେକ୍‌ଙ୍କ ଦ୍ୱାରା ପ୍ରେରିତ ଚୀନା ପ୍ରତିନିଧିଦଳ ବିରୋଧ କରିଥିଲେ

**୨. ୧୯୪୯ ମସିହାର ଶେଷ ଭାଗରୁ ଭାରତ ଓ ଚୀନ୍ ମଧ୍ୟରେ କିପରି ସୁସମ୍ପର୍କ ରହିଲା ?**

**Answer Hints :**

(i) କ୍ୟୁମିଙ୍ଗଟାଙ୍ଗ ସରକାର କ୍ଷମତା ହରାଇବା ପରେ ଚୀନ୍‌ରେ କମ୍ୟୁନିଷ୍ଟ ସରକାର ପ୍ରତିଷ୍ଠିତ ହେଲା

(ii) ସଦ୍ୟ ସ୍ୱାଧୀନତା ପ୍ରାପ୍ତ ଭାରତ କମ୍ୟୁନିଷ୍ଟ ଚୀନ୍ ଓ ତା'ର କମ୍ୟୁନିଷ୍ଟ ସରକାରଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲା

୩. ଭାରତ ଓ ଚୀନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ୧୯୫୪ ମସିହା ଜୁନ୍ ମାସରେ ଉଭୟ ଦେଶର 'ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କେଉଁ ପ୍ରକାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ତହିଁ ପରବର୍ଷ ଏହା କେଉଁଠାରେ ଏକ ସମ୍ମିଳନୀରେ ଗୃହୀତ ହୋଇଥିଲା ?

**Answer Hints :**

(i) ପାଞ୍ଚଗୋଟି ନୀତିବିଶିଷ୍ଟ 'ପଞ୍ଚଶୀଳ ନୀତି'

(ii) ବାଲୁଙ୍ଗଠାରେ

୪. କେଉଁ ରାସ୍ତା ନିର୍ମାଣ ସମ୍ପର୍କରେ ଚୀନ୍ ଓ ଭାରତ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଏବଂ କାହିଁକି ?

**Answer Hints :**

(i) ଭାରତର ଅଂଶ ଲଦାଖର ଅକ୍‌ସାଇ ଚୀନ୍ ଅଞ୍ଚଳରେ ଚୀନ୍‌ଦ୍ୱାରା ରାସ୍ତା ନିର୍ମାଣ

(ii) ଚୀନ୍‌ର ଅନୁପ୍ରବେଶକାରୀମାନେ ସେହି ରାସ୍ତାରେ ପଶ୍ଚିମ ତିବ୍ବତକୁ ଯାତାୟତ କରୁଥିଲେ

୫. ଭାରତ ଓ ଚୀନ୍ ମଧ୍ୟରେ ୧୯୩ ମସିହାରେ ସ୍ୱାକ୍ଷରିତ ରାଜିନାମା କ'ଣ ଥିଲା ଏବଂ ୧୯୯୫ ମସିହାରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?

**Answer Hints :**

(i) ୧୯୯୩ – ଭାରତ ଓ ଚୀନ୍ ମଧ୍ୟରେ ଥିବା 'ପ୍ରକୃତି ନିୟନ୍ତ୍ରଣ ରେଖା'କୁ ଉଭୟଦେଶ ସମ୍ମାନ ଦେବେ

(ii) ୧୯୫ – ଭାରତ ଓ ଚୀନ୍ ମଧ୍ୟରେ 'ଶାନ୍ତି ଓ ସ୍ଥିରତ'ର ଚୁକ୍ତି

## (ଗ) ଭାରତ ଓ ଶ୍ରୀଲଙ୍କା

୧. ୧୯୫୩ ମସିହାରେ କେଉଁ ବିଷୟରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ଏଥିରେ ପ୍ରତ୍ୟେକ ଦେଶ ପକ୍ଷରୁ ଯଥାକ୍ରମେ କିଏ ସ୍ୱାକ୍ଷର କରିଥିଲେ ?

**Answer Hints :**

(i) ବର୍ଣ୍ଣଗତ ସମସ୍ୟାର ସମାଧାନ

(ii) ଭାରତ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ କୋଟେଲାୱାଲା

୨. ୧୯୭୧ ମସିହାରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ କିପରି ଥିଲା ?

**Answer Hints :**

(i) ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଶ୍ରୀଲଙ୍କା ଭାରତକୁ ସହଯୋଗ ନ ଦେଇ ନିରପେକ୍ଷତା ଅବଲମ୍ବନ କରିଥିଲା

(ii) ୧୯୭୧ ମସିହାରେ ଭାରତ ଓ ସୋଭିଏତ୍ ଋଷିଆ ମଧ୍ୟରେ ଚୁକ୍ତିନାମାକୁ ଶ୍ରୀଲଙ୍କାର କେତେକ ଗୋଷ୍ଠୀ ସମାଲୋଚନା କରିଥିଲେ

୩. ଶ୍ରୀଲଙ୍କା ରାଷ୍ଟ୍ରପତି ଜୟବର୍ଦ୍ଧନେ ଭାରତ ବିରୁଦ୍ଧରେ କ'ଣ ଅଭିଯୋଗ କରିଥିଲେ ଏବଂ ଷହା ପ୍ରତି ଭାରତର ପ୍ରତିକ୍ରିୟା କ'ଣ ଥିଲା ?

**Answer Hints :**

(i) ତାମିଲ ଉଗ୍ରପନ୍ଥୀମାନଙ୍କୁ ଭାରତ ପ୍ରୋତ୍ସାହିତ କରୁଛି

(ii) ଭାରତ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା

୪. ୧୯୮୩ ମସିହାରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ କେତେଜଣ ତାମିଲ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ ଏବଂ ଶ୍ରୀଲଙ୍କାରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପ୍ରଧାମନ୍ତ୍ରୀ ଇନ୍ଦିରା ଗାନ୍ଧୀ କାହା ସହିତ ଆଲୋଚନା କରିଥିଲେ ?

**Answer Hints :**

(i) ପ୍ରାୟ ୨୫୦୦୦

(ii) ଶ୍ରୀଲଙ୍କା ରାଷ୍ଟ୍ରପତି ଜୟବର୍ଦ୍ଧନେଙ୍କ ସହିତ

୫. ଭାରତର କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ଶ୍ରୀଲଙ୍କା ସହିତ ସ୍ୱାକ୍ଷରିତ ଏକ ରାଜିନାମା ଅନୁସାରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପକ୍ଷରୁ ଉଦ୍ୟମ କରାଯାଇଥିଲା ଏବଂ ଏଥିପାଇଁ ଭାରତ କ'ଣ ପଦକ୍ଷେପ ନେଇଥିଲା ?

**Answer Hints :**

(i) ରାଜୀବ ଗାନ୍ଧୀଙ୍କ ସମୟରେ

(ii) 'ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ'କୁ ଶ୍ରୀଲଙ୍କା ପଠାଯାଇଥିଲା

**୬. ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀମତୀ ଚନ୍ଦ୍ରିକା କୁମାରତୁଙ୍ଗ କେବେ ଭାରତ ଗସ୍ତରେ ଆସିଥିଲେ ଏବଂ କେଉଁ ବିଷୟରେ ଆଲୋଚନା କରିଥିଲେ ?**

**Answer Hints :**

(i) ୧୯୯୫ ମସିହା ମାର୍ଚ୍ଚ ମାସରେ

(ii) ବର୍ଣ୍ଣବୈଷମ୍ୟ ଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ

## (ଘ) ଭାରତ ଓ ନେପାଳ

**୧. ନେପାଳର ରାଜା ବୀରେନ୍ଦ୍ର ରାଜଗାଦିରେ ଅଭିଷିକ୍ତ ହେବା ପରେ କ'ଣ ଘୋଷଣା କରିଥିଲେ ଏବଂ ଭାରତର ଏଥିପ୍ରତି ପ୍ରତିକ୍ରିୟା କ'ଣ ଥିଲା ?**

**Answer Hints :**

(i) ନେପାଳକୁ ଏକ 'ଶାନ୍ତିର ଅଞ୍ଚଳ' ଭାବେ ଘୋଷଣା

(ii) ଘୋଷଣାରେ କିଛି ଭାରତ ବିରୋଧୀ ସର୍ତ୍ତ ଥିବାରୁ ଭାରତ ଏହାକୁ ଗ୍ରହଣ କରିପାରିନଥିଲା

**୨. ୧୯୯୧ ମସିହାରେ ଭାରତ ଓ ନେପାଳ ମଧ୍ୟରେ ସ୍ୱାକ୍ଷରିତ ଚାରିଗୋଟି ଚୁକ୍ତିର ଫଳ କ'ଣ ଥିଲା ?**

**Answer Hints :**

(i) ପାରସ୍ପରିକ ବାଣିଜ୍ୟ ଓ ଗମନାଗମନ କ୍ଷେତ୍ରରେ ଉଭୟ ଦେଶର ସମ୍ପର୍କରେ ଉନ୍ନତି

(ii) ଉଭୟ ଦେଶ ସନ୍ତ୍ରାସବାଦର ବିଲୋପ ସାଧନ ପାଇଁ ସଂକଳ୍ପବଦ୍ଧ ହେଲେ

## (ଙ) ଭାରତ ଓ ଭୁଟାନ

**୧. ଭାରତ ଓ ଭୁଟାନ ମଧ୍ୟରେ ସ୍ୱାକ୍ଷରିତ 'ବନ୍ଧୁତ୍ୱର ସନ୍ଧି'ର ପରିମାର୍ଜିତ ସଂସ୍କରଣରେ କ'ଣ ଉଲ୍ଲେଖ କରାଯାଇଛି ?**

**Answer Hints :**

(i) ଏକବିଂଶ ଶତାବ୍ଦୀ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ

(ii) ସ୍ଥାୟୀ ଶାନ୍ତି ଓ ବନ୍ଧୁତ୍ୱ, ଅବାଧ ବାଣିଜ୍ୟ କାରବାର ଓ ଉଭୟ ରାଷ୍ଟ୍ରର ନାଗରିକଙ୍କ ପାଇଁ ସମାନ ନ୍ୟାୟିକ ବ୍ୟବସ୍ଥା

**୨. ଭାରତର ପ୍ରଧାନମନ୍ତ୍ରୀ ମନମୋହନ ସିଂହ କେବେ ଦ୍ୱିତୀୟଥର ଭୁଟାନ ଗସ୍ତ କରିଥିଲେ ଏବଂ କାହିଁକି ?**

**Answer Hints :**

(i) ୨୧୦ ମସିହା ଏପ୍ରିଲ ମାସରେ

(ii) ଷୋଡ଼ଷତମ ସାର୍କ ଶିଖର ସମ୍ମିଳନୀରେ ଯୋଗ ଦେବା ପାଇଁ

**୩. ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଁଚେନ୍ ଜିଗମା ଥ୍ୱାଇ ଥିନ୍‌ଲେ ୨୦୧୧ ମସିହାରେ ଦୁଇଥର ଭାରତ ଗସ୍ତରେ ଆସି ଯଥାକ୍ରମେ କେଉଁ ଦୁଇଟି ସହରକୁ ଯାଇଥିଲେ ଏବଂ ତାଙ୍କର ଉକ୍ତ ବର୍ଷ ଦ୍ୱିତୀୟ ଗସ୍ତର ଉଦ୍ଦେଶ୍ୟ କ'ଣ ଥିଲା ?**

**Answer Hints :**

(i) ପ୍ରଥମ ଥର କଲିକତା ଓ ଦ୍ୱିତୀୟ ଥର ଦିଲ୍ଲୀ

(ii) ଭାରତର ସଂସଦ ଭବନରେ ଚତୁର୍ଥ ପ୍ରଫେସର ହିରେନ୍ ମୁଖାର୍ଜୀ ସ୍ମାରକୀ ବକ୍ତୃତା ଦେବାପାଇଁ

## (ଚ) ଭାରତ ଓ ବଙ୍ଗଳାଦେଶ

**୧. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ପ୍ରଥମ ଚୁକ୍ତି କେଉଁଦିନ ସ୍ୱାକ୍ଷରିତ ହୋଇଥିଲା ଏବଂ ଏଥିରେ ପ୍ରତ୍ୟେକ ଦେଶ ତରଫରୁ ଯଥାକ୍ରମେ କେଉଁମାନେ ସ୍ୱାକ୍ଷର କରିଥିଲେ ?**

**Answer Hints :**

(i) ୧୯୭୧ ମସିହା ଡିସେମ୍ବର ୧୦ ତାରିଖ

(ii) ଭାରତ ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ବଙ୍ଗଳାଦେଶ ତରଫରୁ କାମଚଳା ରାଷ୍ଟ୍ରପତି ନଜରୁଲ୍ ଇସ୍‌ଲାମ୍

**୨. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ବନ୍ଧୁତା ଓ ଶାନ୍ତି ସ୍ଥାପନ ପାଇଁ କେଉଁଦିନ ଏକ ଚୁକ୍ତି ସ୍ୱାରିତ ହୋଇଥିଲା ଏବଂ ଏଥିରେ କେଉଁମାନେ ସ୍ୱାକ୍ଷର କରିଥିଲେ ?**

**Answer Hints :**

(i) ୧୯୭୨ ମସିହା ମାର୍ଚ୍ଚ ୧୯ ତାରିଖ

(ii) ଭାରତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ମୁଜିବୁର ରହମନ

**୩. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ସମ୍ପାଦିତ ବାଣିଜ୍ୟିକ ଚୁକ୍ତିରେ କ'ଣ ବ୍ୟବସ୍ଥା ଥିଲା ?**

**Answer Hints :**

(i) ବଙ୍ଗଳାଦେଶରୁ ମାଛ, ଝୋଟ, ଛାପାକାଗଜ ଭାରତକୁ ଆମଦାନୀ

(ii) ଭାରତରୁ ତମାଖୁ, ସିମେଣ୍ଟ, ଖଣିଜ ପଦାର୍ଥ, ମେସିନ୍ ବଙ୍ଗଳାଦେଶକୁ ରପ୍ତାନୀ

**୪. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ପାକିସ୍ତାନ ପାଇଁ ଅସହ୍ୟ ହେବାରୁ ସେ କ'ଣ ପଦକ୍ଷେପ ନେଲା ?**

**Answer Hints :**

(i) ୧୯୭୪ ମସିହା ଫେବୃୟାରୀ ୨୨ ତାରିଖରେ ବଙ୍ଗଳାଦେଶକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକୃତି ପ୍ରଦାନ

(ii) ବଙ୍ଗଳାଦେଶରେ ଭାରତ ବିରୋଧୀ ମନୋଭାବକୁ ଉତ୍ସାହନ

**୫. ୨୦୦୧ ମସିହା ଅପ୍ରେଲ ମାସରେ ଭାରତ ଓ ବଙ୍ଗଳାଦେଶର ସୀମାନ୍ତରେ କିପରି ଉତ୍ତେଜନା ସୃଷ୍ଟି ହେଲା ?**

**Answer Hints :**

(i) ଆସାମ ଓ ମେଘାଳୟ ରାଜ୍ୟର କିଛି ଅଂଶକୁ ବଙ୍ଗଳାଦେଶ ନିଜ କବ୍‌ଜାରେ ରଖିଲା

(ii) ଭାରତୀୟ ସୀମା ସୁରକ୍ଷା ବାହିନୀର କେତେକ ସୈନ୍ୟଙ୍କୁ ହତ୍ୟା କରିଥିଲା

## (ଛ) ଭାରତ ଓ ମିଆଁମାର

**୧. ୨୦୦୮ ମସିହା ଜାନୁୟାରୀ ମାସରେ ମିଆଁମାରରୁ କିଏ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ସାକ୍ଷାତ କରିଥିଲେ ଏବଂ ପରସ୍ପର ମଧ୍ୟରେ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କେଉଁ ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ ?**

**Answer Hints :**

(i) ମିଆଁମାରର ବୈଦେଶିକ ମନ୍ତ୍ରୀ ନ୍ୟାନଓ୍ୱିନ୍

(ii) ମିଆଁମାରରେ ରାଜନୈତିକ ସଂସ୍କାରର ଆବଶ୍ୟକତା

**୨. ଭାରତ କାହିଁକି ମିଆଁମାର ସହିତ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଥିଲା ?**

**Answer Hints :**

(i) ମିଆଁମାର ପ୍ରାକୃତିକ ବାଷ୍ପର ଭଣ୍ଡାର ହୋଇଥିବାରୁ ତା' ସହିତ ଉତ୍ତମ ସମ୍ପର୍କ ରଖି ଭାରତ ତା'ର ତୈଳ ଓ ପ୍ରାକୃତିକ ବାଷ୍ପର ଚାହିଦାକୁ ମେଣ୍ଟାଇ ପାରୁଥିଲା

(ii) ମିଆଁମାରର ସାମରିକ ଶାସକଙ୍କ ସାହାଯ୍ୟରେ ଭାରତର ସୀମା ଅଞ୍ଚଳରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ରୋକାଯାଇ ପାରୁଥିଲା

**୩. ୧୯୯୪ ମସିହାରେ ମିଆଁମାର ସହିତ ଚୁକ୍ତି ସ୍ୱାକ୍ଷର କରି ଭାରତ କ'ଣ ଆଶା ରଖିଥିଲା କିନ୍ତୁ ସେହି ଆଶା ଫଳବତୀ ହୋଇ ନ ଥିଲା ?**

**Answer Hints :**

(i) ଦୁଇ ଦେଶର ସୀମା ଦେଇ ଚାଲିଥିବା ଚୋରା ଅସ୍ତ୍ରଶସ୍ତ୍ର ଚାଲାଣ ଓ ନିଶାଦ୍ରବ୍ୟ କାରବାର ବନ୍ଦ ହେବ

(ii) ଭାରତର ଉତ୍ତର ପୂର୍ବାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ

**୪. ୨୦୦୮ ମସିହା ଅକ୍ଟୋବର ମାସରେ କାହାର ତୃତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଏଠାରେ କେଉଁ ବିଷୟରେ ଆଲୋଚନା ହୋଇଥିଲା ?**

**Answer Hints :**

(i) ମିଆଁମାର-ଭାରତ ମିଳିତ ବାଣିଜ୍ୟିକ କମିଟି

(ii) ସୀମା ବାଣିଜ୍ୟକୁ ସ୍ୱାଭାବିକ ବାଣିଜ୍ୟରେ ପରିଣତ କରିବା ବିଷୟ

**୫. ଭାରତ-ମିଆଁମାର ବନ୍ଧୁତା ସଡ଼କ ଭାରତ ଓ ମିଆଁମାରର ଯଥାକ୍ରମେ କେଉଁ ଦୁଇ ସ୍ଥାନକୁ ସଂଯୁକ୍ତ କରିଥିଲା ଏବଂ ଏହି ସଡ଼କର ଦୈର୍ଘ୍ୟ କେତେ ଥିଲା ଓ କେବେ ନିର୍ମିତ ହୋଇଥିଲା ?**

**Answer Hints :**

(i) ଭାରତର ତମୁ ଓ ମିଆଁମାରର କାଲେମାୟୋ

(ii) ଭାରତ ଓ ମିଆଁମାରର ସୀମାନ୍ତ ଅଞ୍ଚଳରେ ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ କ'ଣ ସଂଗଠିତ ହୋଇଥିଲା ?

**୬. ଭାରତ ଓ ମିଆଁମାରର ସୀମାନ୍ତ ଅଞ୍ଚଳରେ ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ କ'ଣ ସଂଗଠିତ ହୋଇଥିଲା ?**

**Answer Hints :**

(i) ୧୯୯୫ ମସିହରେ ଉଭୟ ଦେଶର ଏକ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ

(ii) ୨୦୦୦ ମସିହାରେ ଉଭୟ ଦେଶର ସ୍ଥଳବାହିନୀର ମୁଖ୍ୟଙ୍କ ମଧ୍ୟରେ ଉଭୟ ଦେଶର ସୁରକ୍ଷା ବିଷୟରେ ଶିଲଂଠାରେ ଆଲୋଚନା

